ମୟୂରଭଞ୍ଜ ଚ୍ଛଉନୃତ୍ୟ

ଶ୍ରୀ ଦୁର୍ଗାଚରଣ କୁଅଁର

ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ମୟୂରଭଞ୍ଜ ଛଉନୃତ୍ୟ

ଶ୍ରୀ ଦୁର୍ଗାଚରଣ କୁଅଁର

ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ମୟୂରଭଞ୍ଜ ଛଉନୃତ୍ୟ

ରଚନା :
ଅଧ୍ୟାପକ ଶ୍ରୀ ଦୁର୍ଗା ଚରଣ କୁଅଁର

ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ପ୍ରଥମ ସଂସ୍କରଣ - ୧୯୬୨

ଦ୍ୱିତୀୟ ସଂସ୍କରଣ - ୧୯୯୪

ମୁଦ୍ରଣ :
ଶ୍ରୀଅରବିନ୍ଦ ପ୍ରିଣ୍ଟିଂ ପ୍ରେସ
ରାଜାବଗିଚ୍ଚା, କଟକ-୭୫୩୦୦୯

ମୂଲ୍ୟ : ଟ ୬-୦୦

Mayurbhanja Chhaunrutya

Written by :
Sri Durga Charan Kuanr

Published by :
ORISSA SAHITYA AKADEMI
Bhubaneswar-751014

First Edition : 1962

Second Edition : 1994

Printed at :
Sri Aurobindo Printing Press
Rajabagicha, Cuttack-753009

Price : Six Rupees

Digitized by srujanika@gmail.com

ଅଗ୍ରଲେଖ

ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ସାଧନ, ସାହିତ୍ୟରେ ଉଚ୍ଚମାନ ଓ ମୂଲ୍ୟବୋଧ ପ୍ରତିଷ୍ଠାର ଆଭିମୁଖ୍ୟ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶନ ପରିଯୋଜନା ମାଧ୍ୟମରେ ବହୁ ମୂଲ୍ୟବାନ ଓ ଦୁଷ୍ପ୍ରାପ୍ୟ ପାଣ୍ଡୁଲିପିର ପୁନରୁଦ୍ଧାର କରି ସେଗୁଡ଼ିକର ସଙ୍କଳନ, ସମ୍ପାଦନା ଓ ପ୍ରକାଶନ ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରି ଆସୁଅଛି । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଷୟାବଲମ୍ବୀ ଗ୍ରନ୍ଥ ବ୍ୟତୀତ ଅନେକ ଅନବଦ୍ୟ ସଂସ୍କୃତ ଗ୍ରନ୍ଥ, ଇଂରାଜୀ ଭାଷାରେ ରଚିତ ଉଚ୍ଚକୋଟୀର ଇତର ସାହିତ୍ୟର ଅନୁବାଦ ତଥା ଓଡ଼ିଆ ସାହିତ୍ୟ-ସଂସ୍କୃତି ଉପରେ ଆଧାରିତ କେତେକ ଗବେଷଣାଧର୍ମୀ ଇଂରାଜୀ ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ଓ ଇଂରାଜୀ ସାହିତ୍ୟର ମଧ୍ୟ ଶ୍ରୀବୃଦ୍ଧି ସାଧନାରେ ସହାୟକ ହୋଇ ପାରିଛି । ରାଜ୍ୟରେ ଏକ ଶାଶ୍ୱତ ସାରସ୍ୱତ ବାତାବରଣ ସୃଷ୍ଟି କରିବାର ଆଭିମୁଖ୍ୟ ନେଇ ପ୍ରକାଶନ କାର୍ଯ୍ୟକ୍ରମକୁ ଅଧିକ ପ୍ରସାରିତ ଓ ଲୋକପ୍ରିୟ କରିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସର୍ବଦା ସାଧନାରତ ।

ଶ୍ରୀ ଦୁର୍ଗାଚରଣ କୁଅଁରଙ୍କ ରଚିତ "ମୟୂରଭଞ୍ଜ ଛଉନୃତ୍ୟ" ପୁସ୍ତିକାଟିରେ ଛଉନୃତ୍ୟର ଇତିହାସ, ସ୍ୱରୂପ, ଶାସ୍ତ୍ରୀୟ ଭିତ୍ତି, ମୌଳିକ ପଦ୍ଧତି ଓ ଏହି ନୃତ୍ୟକଳାର ଭବିଷ୍ୟତ ଆଦି ସମ୍ପର୍କରେ ପ୍ରାସଙ୍ଗିକ ଆଲୋଚନା କରାଯାଇଛି । ମୟୂରଭଞ୍ଜର ରାଜପରିବାରଙ୍କର ପୃଷ୍ଠପୋଷକତାରେ ଗଢ଼ିଉଠିଥିବା ଏହି ଛଉନୃତ୍ୟ ଓଡ଼ିଆଙ୍କ ସମର-କଳା-ନୈପୁଣ୍ୟ ଅଭିବ୍ୟକ୍ତିର ଏକ ଜ୍ୱଳନ୍ତ ନିଦର୍ଶନ । ଅନେକ ବିଶ୍ୱ ଦରବାରରେ ମୟୂରଭଞ୍ଜ ଛଉନୃତ୍ୟର ଆଦର ଓ ସମ୍ମାନ ବୃଦ୍ଧି ପାଉଥିବାରୁ ଏହି ନୃତ୍ୟ ସମ୍ପର୍କରେ ସମ୍ୟକ୍ ଜ୍ଞାନଲାଭ କରିବାକୁ ଜନସାଧାରଣ ଆଗ୍ରହୀ ହେବା ସ୍ୱାଭାବିକ । ଏହି ସମର ନୃତ୍ୟର ଗୁରୁତ୍ୱ ଓ ବୈଶିଷ୍ଟ୍ୟ ଦୃଷ୍ଟିରୁ ଏହାର ପୁନଃ ପ୍ରକାଶନ କରାଗଲା । ପୁସ୍ତକର ନୂତନ ପ୍ରକାଶନ ଅବସରରେ ଶ୍ରୀ କୁଅଁରଙ୍କୁ ସାଧୁବାଦ ଜଣାଉଛି । ଆଶାକରେ ପାଠକ, ଗବେଷକ ମହଲରେ ଏହା ପୂର୍ବବତ୍ ଆଦୃତ ଲାଭ କରିବ ।

ରାଜକିଶୋର ମିଶ୍ର
ସମ୍ପାଦକ
ଓଡ଼ିଆ ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

Digitized by srujanika@gmail.com

ମୟୂରଭଞ୍ଜ ଛଉନୃତ୍ୟ

ପୁଣ୍ୟଭୂମି ଉତ୍କଳର ଅବଦାନ ଭାରତୀୟ ସଂସ୍କୃତିକୁ ବହୁଭାବେ ପୁଷ୍ଟ କରିଛି । ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଧର୍ମ ଓ ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଉତ୍କଳର କୃତି କାହାରିକୁ ଅବିଦିତ ନୁହେଁ । ନୃତ୍ୟ ଓ ସଂଗୀତ ଦିଗରେ ମଧ୍ୟ ଉତ୍କଳର ସ୍ୱତନ୍ତ୍ର ଐତିହ୍ୟ ଓ ପରମ୍ପରା ରହିଛି । ଓଡ଼ିଶୀ ନୃତ୍ୟ ଏବଂ ମୟୂରଭଞ୍ଜ ଓ ସରେଇକଳାର ଛଉନୃତ୍ୟ ଭାରତୀୟ ନୃତ୍ୟକଳାକୁ, ଉତ୍କଳର ଦୁଇଟି ବିଶିଷ୍ଟ ଅବଦାନ । ଦକ୍ଷିଣର ଭାରତନାଟ୍ୟମ୍, କେରଳର କଥାକଳି, ଉତ୍ତର ଭାରତର କଥକ ନୃତ୍ୟ ଓ ଆସାମର ମଣିପୁରୀ ନୃତ୍ୟ ପରି ଛଉ ଓ ଓଡ଼ିଶୀ ନୃତ୍ୟ ଉଚ୍ଚ-କୋଟୀର ନୃତ୍ୟଭାବେ ସିଦ୍ଧିଲାଭ କରିଛି । ସରେଇକଳା ବର୍ତ୍ତମାନ ଉତ୍କଳଠାରୁ ବିଚ୍ଛିନ୍ନ; କିନ୍ତୁ ଉତ୍କଳରେ ଛଉନୃତ୍ୟର ବିକାଶରେ ସରେଇକଳା ତଥା ସମୃଦ୍ଧ ସିଂହଭୂମି ଅଞ୍ଚଳର ଅବଦାନ ଅବିସ୍ମରଣୀୟ ।

ଛଉନୃତ୍ୟର ଇତିହାସ—

ଛଉନୃତ୍ୟର ଇତିହାସ ଅତି ପ୍ରାଚୀନ । ଓଡ଼ିଆମାନେ ଏକ ସମର-ନିପୁଣ ଜାତି ହିସାବରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିଥିଲେ । ଓଡ଼ିଶାର ଗଡ଼ଜାତ ରାଜାମାନେ ମଧ୍ୟ ବହୁବର୍ଷ କାଳ ସେମାନଙ୍କର ସୈନ୍ୟସାମନ୍ତ ଧରି ରହିଥିଲେ ଓ ମୋଗଲ ଏବଂ ମରହଟ୍ଟାମାନଙ୍କ ସହିତ ସେମାନଙ୍କର ବହୁବାର ସଂଘର୍ଷ ହୋଇଥିଲା । ଓଡ଼ିଶା ସମ୍ପୂର୍ଣ୍ଣଭାବେ ଇଂରେଜ କବଳିତ ହେବା ପର୍ଯ୍ୟନ୍ତ ସ୍ୱାଧୀନତାପ୍ରିୟ ଦୁର୍ଦ୍ଧର୍ଷ ଓଡ଼ିଆ ପାଇକମାନେ କେତେକ ରାଜା ଓ ଜମିଦାରଙ୍କ ନେତୃତ୍ୱରେ ଖଣ୍ଡଯୁଦ୍ଧ କରିଥିବା ବିଷୟ ଇତିହାସରେ ଦେଖିବାକୁ ମିଳେ । ଖ୍ରୀ: ୧୮୧୭-୧୮ର ଖୋର୍ଦ୍ଧା ପାଇକ-ବିଦ୍ରୋହ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଓଡ଼ିଆ ଜାତିର ବିରାଟ ସାମରିକ ପରମ୍ପରା ସମ୍ବନ୍ଧରେ ମତଦ୍ୱୈଧ ହେବାର ଅବକାଶ ନାହିଁ । ଛଉନୃତ୍ୟ ଏହି ସାମରିକ ଓଡ଼ିଆ ଜାତିର ନୃତ୍ୟ ଓ ସମରଭୂମି ଏହି ବୀରତ୍ୱ-ବ୍ୟଞ୍ଜକ ନୃତ୍ୟର ଉତ୍ପତ୍ତି । ସେନା ଛାଉଣୀରେ ଅବସର ସମୟରେ ଚିତ୍ତବିନୋଦନ ପାଇଁ ଏବଂ ଶାନ୍ତି ସମୟରେ ଅଙ୍ଗଚାଳନା ଦ୍ୱାରା ନିଜକୁ ସମରକ୍ଷମ ରଖିବା ପାଇଁ ଓଡ଼ିଆ ପାଇକମାନେ ଏହି ନୃତ୍ୟ କରୁଥିଲେ । ରାଜା ଓ ସାମନ୍ତ-ମାନେ ଏ ପ୍ରକାର ସାମରିକ ଚିତ୍ତବିନୋଦନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ

Digitized by srujanika@gmail.com

ଏ ସବୁକୁ ଉତ୍ସାହିତ ମଧ୍ୟ କରୁଥିଲେ । ସେ ସମୟରେ ଏହାକୁ 'ରୁକ୍-ମାର' କୁହାଯାଉଥିଲା । ହାତରେ ଖଣ୍ଡା ଓ ଢ଼ାଲ ଧରି ଦ୍ୱୈତଭାବେ ବା ସମୂହଭାବେ ଦୁଇ ଦଳରେ ବିଭକ୍ତ ହୋଇ ଢୋଲ, ମହୁରି, ଧୁମସା ପ୍ରଭୃତି ଓଡ଼ିଶୀ ସାମରିକ ବାଦ୍ୟର ତାଳେ ତାଳେ ପାଇକମାନେ କୌତୁକ ଯୁଦ୍ଧ କରୁଥିଲେ । ଗୋଟିଏ ପକ୍ଷ ଆକ୍ରମଣ କଲାବେଳେ ଅପରପକ୍ଷ ଢ଼ାଲ ତରବାରି ସାହାଯ୍ୟରେ ପ୍ରତିରକ୍ଷା କରୁଥିଲେ ଏବଂ ଏପରିଭାବେ ଆକ୍ରମଣ ଓ ପ୍ରତିଆକ୍ରମଣ ବ୍ୟଞ୍ଜକ ନୃତ୍ୟର ଉନ୍ମାଦନା ମଧ୍ୟରେ ଯୁଦ୍ଧଶ୍ରାନ୍ତ ସୈନ୍ୟ ସାମନ୍ତମାନେ ଅବସର ବିନୋଦନ କରୁଥିଲେ । ଆଜିକାଲି ମଧ୍ୟ ଦଶହରା ପ୍ରଭୃତି ପର୍ବରେ ଏହି ପ୍ରକାର 'ରୁକ୍-ମାର' ନୃତ୍ୟ ଓଡ଼ିଶାର ବହୁ ଅଞ୍ଚଳରେ ଦେଖିବାକୁ ମିଳେ । କେତେକ ସ୍ଥାନରେ ଏହାକୁ 'ଫରି-ଖଣ୍ଡା' ଖେଳ ମଧ୍ୟ କହନ୍ତି । ନୃତ୍ୟକଳା ଦୃଷ୍ଟିରୁ ଏହି ପ୍ରକାର ନୃତ୍ୟ ନିମ୍ନସ୍ତରର ନିଶ୍ଚୟ; କିନ୍ତୁ ଏହି 'ଫରି-ଖଣ୍ଡା' ଖେଳ ବା ଗ୍ରାମୀଣ ନୃତ୍ୟରୁ ଛଉନୃତ୍ୟର ଉତ୍ପତ୍ତି । ଭାରତ ତଥା ପୃଥିବୀର ବହୁ ପ୍ରତିଷ୍ଠିତ ନୃତ୍ୟ ନିମ୍ନସ୍ତରର ଆଦିମ ନୃତ୍ୟ (Primitive dance) ବା ଗଣନୃତ୍ୟ (Folk dance)ରୁ କ୍ରମେ ବିକାଶଲାଭ କରିଥିବା ବିଷୟ ନୃତ୍ୟବିଦ୍ ପଣ୍ଡିତମାନେ କହନ୍ତି—

'Primitive dance was the foundation of folk dance, and folk dance was the foundation of the refined forms. Refined dance when degenerates re-enters the category of folk dance, just as folk dance with culture and development ascends to that of refined dance'. (୧)

ବିଭିନ୍ନ ସ୍ତରରେ ଶାସ୍ତ୍ରୀୟ ତଥା ଗଣନୃତ୍ୟ ଭିତ୍ତିରେ ବିକାଶଲାଭ କରି ଛଉନୃତ୍ୟ ଏକ ଉନ୍ନତ ରୁଚି-ସମ୍ପନ୍ନ ନୃତ୍ୟରେ ପରିଣତ ହୋଇପାରିଛି । ସୈନ୍ୟ ଗ୍ଛାଉଣୀରୁ ଏହାର ଉତ୍ପତ୍ତି ବୋଲି କାଳକ୍ରମେ 'ଛଉନୃତ୍ୟ' ନାମରେ ଏହା ନାମିତ ହୋଇଛି । 'ଗ୍ଛାଉଣୀ ନୃତ୍ୟ' କ୍ରମେ ଲୋକମୁଖରେ 'ଛଉନୃତ୍ୟ' ରୂପେ କଥିତ ହେବା କିଛି ବିଚିତ୍ର ନୁହେଁ ।

ସରେଇକଲାର ଛଉନୃତ୍ୟ-ବିଶାରଦମାନେ କିନ୍ତୁ ଏହି ନୃତ୍ୟର ନାମକରଣ ନେଇ ଭିନ୍ନ ମତ ପୋଷଣ କରନ୍ତି । ସେମାନଙ୍କ ମତରେ ଛଉ କଥାଟା ଛବି ବା ଛାୟାରୁ ଆସିଛି । ଏହା ନୃତ୍ୟରେ ମୁଖା (ଛାୟା = ମୁଖା) ବ୍ୟବହାର କରିଯାଉଥିବାରୁ ଏହାକୁ ଛଉନୃତ୍ୟ କୁହାଯାଏ । ନୃତ୍ୟରେ ମୁଖା ବ୍ୟବହାର କେବଳ ସରେଇକଲା ଛଉରେ ନୁହେଁ, ସିଂହଳ, ସିକ୍‌କିମ୍, ବାଲି, କାମ୍ବୋଡ଼ିଆ,

(୧) Folkdance of India-by Projesh Banerji

Digitized by srujanika@gmail.com

ମାଲୟ, ଚୀନ ଦେଶ, ମେକ୍‌ସିକୋ ପ୍ରଭୃତି ପୃଥିବୀର ବିଭିନ୍ନ ଅଞ୍ଚଳରେ ମଧ୍ଯ ଦେଖିବାକୁ ମିଳେ । ପୂର୍ବେ ଗ୍ରୀସ୍ ଓ ରୋମରେ ମଧ୍ଯ ମୁଖା ବ୍ୟବହାର ପ୍ରଚଳନ ଥିଲା । ମୟୂରଭଞ୍ଜ ତଥା ଓଡ଼ିଶାର ଅନ୍ୟ କେତେକ ଅଞ୍ଚଳରେ ବିକାଶଲାଭ କରି-ଥିବା ଛଉନୃତ୍ୟରେ ମୁଖା ବ୍ୟବହାର କରାଯାଏ ନାହିଁ । ଏଣୁ ଛଉନୃତ୍ୟର ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ଏହାର ମୁଖା ବ୍ୟବହାରରେ ନାହିଁ । ମୂଳତଃ ଏକ ସାମରିକ ନୃତ୍ୟ ହୋଇଥିବାରୁ ଏହା ବୀରତ୍ୱ-ବ୍ୟଞ୍ଜକ ଏକ ସ୍ୱତନ୍ତ୍ର ନୃତ୍ୟଶୈଳୀର ଅଧିକାରୀ ହୋଇ ପାରିଛି । ମୟୂରଭଞ୍ଜ ଛଉନୃତ୍ୟରେ ହାତ ଦୁଇଟି ଫରି-ଖଣ୍ଡା ଧରିବା ଭଙ୍ଗୀରେ ରହେ । ସରେଇକଳା ନୃତ୍ୟରେ ଏହି ଭଙ୍ଗୀର ଫରକ ଅବଶ୍ୟ ଅଛି; କିନ୍ତୁ ଏହାଦ୍ୱାରା ଅନ୍ୟାନ୍ୟ ଭାରତୀୟ ନୃତ୍ୟପରି ହସ୍ତମୁଦ୍ରା ପ୍ରଦର୍ଶନର ସୁବିଧା ହୁଏନାହିଁ । କଠିନ ଅଙ୍ଗ ଚାଳନା ହେତୁ ଏହି ନୃତ୍ୟରେ ମୁଖାଭିନୟ ମଧ୍ଯ ସମ୍ଭବ ହୁଏନାହିଁ । ନାଟ୍ୟ ଶାସ୍ତ୍ରରେ ହସ୍ତର ବହୁବିଧ ମୁଦ୍ରା ଓ ଚକ୍ଷୁ, ନାସିକା, ଗ୍ରୀବା, ଭ୍ରୂ, ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗର ନାନାପ୍ରକାର ଭଙ୍ଗୀ ବିଷୟ ଉଲ୍ଲେଖ କରାଯାଇଛି । ବାସ୍ତବପକ୍ଷେ ନୃତ୍ୟରେ ଭାବପ୍ରକାଶ ନିମିତ୍ତ ଚକ୍ଷୁ, ଭ୍ରୂ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗ ବିଶେଷ ଉପଯୋଗୀ ଏବଂ ଭରତନାଟ୍ୟମ୍, କଥାକଳି ପ୍ରଭୃତି ଭାରତର ଉନ୍ନତ ନୃତ୍ୟମାନଙ୍କରେ ମୁଖାଭିନୟ ଓ ହସ୍ତମୁଦ୍ରା ପ୍ରଦର୍ଶନ ମୁଖ୍ୟସ୍ଥାନ ଲାଭ କରିଛି । ଛଉନୃତ୍ୟର ଶୈଳୀ କିନ୍ତୁ ଏସବୁଠାରୁ ଭିନ୍ନ । ବିଭିନ୍ନ ଭାବପ୍ରକାଶ ନିମିତ୍ତ ଛଉ-ନୃତ୍ୟକାରୀକୁ ପୂରା ଶରୀର, ମୁଖ୍ୟତଃ ପଦଚାଳନା ଉପରେହିଁ ନିର୍ଭର କରିବାକୁ ପଡ଼େ । ଉଦାହରଣ ସ୍ୱରୂପ ଅନ୍ୟ ନୃତ୍ୟରେ ହସ୍ତମୁଦ୍ରା ପ୍ରଦର୍ଶନ ଦ୍ୱାରା ଧନୁର ସୂଚନା ଦିଆଯାଉଥିବା ସ୍ଥଳେ ଛଉନୃତ୍ୟରେ ନୃତ୍ୟକାରୀକୁ ତାର ସମସ୍ତ ଶରୀରକୁ ଧନୁ ଆକାରରେ ବଙ୍କାଇବାକୁ ହୁଏ । ସେହିପରି ମୁଦ୍ରାଦ୍ୱାରା ଅତି ସୂକ୍ଷ୍ମରେ ବକ ସୂଚାଇବା ପରିବର୍ତ୍ତେ ଛଉନୃତ୍ୟକାରୀକୁ ନିଜ ଗୋଡ଼ପଟେ ଘୂରିବାକୁ ହୁଏ । ଛଉ ନୃତ୍ୟର ଏହି ବିଶେଷତ୍ୱ ଦେଶ ବିଦେଶର ନୃତ୍ୟ .ବିଶାରଦମାନଙ୍କ ଦୃଷ୍ଟି ଆକର୍ଷଣ ସର୍ବଦା କରେ ଏବଂ ସେମାନେ ଛଉନୃତ୍ୟର ଅଙ୍ଗ ଓ ପଦଚାଳନା ଶୈଳୀର ଉଚ୍ଛ୍ୱସିତ ପ୍ରଶଂସା କରିଅଛନ୍ତି । ୧୯୫୧ ସାଲରେ ଦିଲ୍ଲୀ ଲାଲକିଲ୍ଲାରେ ଅନୁଷ୍ଠିତ ନୃତ୍ୟୋତ୍ସବରେ ସରେଇକଳା ଛଉନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଦୈନିକ ଷ୍ଟେଟ୍‌ସମେନ୍ ସମ୍ବାଦପତ୍ର ତାଙ୍କର ମାର୍ଚ୍ଚ ୧୭ ତାରିଖ ସଂଖ୍ୟାରେ ଲେଖିଥିଲେ—

'Indeed as far foot work is concerned, this folk dance is superior to any other style, Bharata Natyam, Kathakali, Manipuri or Kathak'.

Digitized by srujanika@gmail.com

ଖ୍ରୀ: ୧୯୩୮ରେ ଷଡ୍ଢେଇକଲା ଛଉନୃତ୍ୟଦଳ ଇଉରୋପର ବଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରୁଥିବାବେଳେ ପାଶ୍ଚାତ୍ୟ ନୃତ୍ୟବଶାରଦମାନେ ମଧ୍ଧ ଛଉନୃତ୍ୟର ଏହି ଉନ୍ନତ ପଦଗ୍ଚାଳନା ଶୈଳୀର ଭୂୟସୀ ପ୍ରଶଂସା କରଅଛନ୍ତି । ଷଢ଼େଇକଲା ଛଉନୃତ୍ୟକୁ ଲକ୍ଷ୍ୟକର ଏକ ପାଶ୍ଚାତ୍ୟ ସମ୍ବାଦପତ୍ର ଲେଖିଥିଲେ—

'The foot work of the whole company and especially of Subhendra, is very fine, and their feet, stained red on the soles, were interesting to watch, as they had all the suppleness which we in the west have in our fingers, but not in our toes,. (୨)

ମୂଳତଃ ବୀର-ରସ ପ୍ରଧାନ ଏକ ସାମରକ ନୃତ୍ୟ ହୋଇଥିବାର ଓ ଏହି ନୃତ୍ୟରେ ହସ୍ତ ତଥା ମୁଖଦ୍ୱାରା ଭାବପ୍ରକାଶ ସମ୍ଭବ ହୋଇନଥିବାରୁ ଏହା ଏକ ସ୍ୱତନ୍ତ୍ର ଶୈଳୀରେ ବକାଶଲାଭ କରଛି । କଠିନ ଅଙ୍ଗଗ୍ଚାଳନା ହେତୁ ନାରୀମାନେ ଛଉନୃତ୍ୟରେ ଅଂଶ ଗ୍ରହଣ କରନ୍ତି ନାହିଁ ଅଥଚ ମଣିପୁରୀ ନୃତ୍ୟରେ କେବଳ ନାରୀମାନେହିଁ ଭାଗ ନଅନ୍ତି । ଶାସ୍ତ୍ରୀୟ ଭିତ୍ତିରେ ଛଉନୃତ୍ୟର ବକାଶ ଦନଠାରୁ ଅବଶ୍ୟ ଲାସ୍ୟଭାବ ଏଥିରେ ପ୍ରବେଶ କରଛି; କନ୍ତୁ ଏବେବ ଏହା ମୁଖ୍ୟତଃ ଏକ ବୀରରସ-ପ୍ରଧାନ ନୃତ୍ୟ । ଛଉନୃତ୍ୟର ଏହି ସମସ୍ତ ମୌଳକତା ଓ ସ୍ୱତନ୍ତ୍ର ଶୈଳୀ ଦୃଷ୍ଟିରୁ 'ସ୍ତ୍ରଉଣୀ ନୃତ୍ୟ'ରୁ ଏହାର ଏପରି ନାମକରଣ ହୋଇଥିବା ଅଧିକ ସମୀଚୀନ ମନେହୁଏ ।

(୨) Sketch the 15th June, 1938.

Digitized by srujanika@gmail.com

ସମର ନୃତ୍ୟ

(War-Dance)

ଯୁଦ୍ଧପ୍ରିୟ ଓଡ଼ିଆ ପାଇକଙ୍କୁ ଚିତ୍ତବିନୋଦନ ପାଇଁ ଉଦ୍ଦିଷ୍ଟ 'ରୁକ୍-ମାର' ନୃତ୍ୟ ମୟୂରଭଞ୍ଜ ରାଜ-ଦରବାରର ପୃଷ୍ଠପୋଷକତାରେ ଅଧିକ ଉନ୍ନତ ଓ ମାର୍ଜିତ ହୋଇ 'ସମର ନୃତ୍ୟ' ଆକାରରେ ଆତ୍ମପ୍ରକାଶ କଲା । ଏହି ନୃତ୍ୟ ପ୍ରଦର୍ଶନ କେବଳ ରାଜପ୍ରାସାଦ ମଧ୍ୟରେ ସୀମାବଦ୍ଧ ଥିଲା । ଏଥିରେ ଚଉଷଠି, ବତିଶ ବା ଷୋଳଜଣ ନୃତ୍ୟକାରୀ ଅଂଶ ଗ୍ରହଣ କରନ୍ତି । ଏମାନେ ହଳଦୀ ଓ ହିଙ୍ଗୁଳରେ ମୁହଁ ଓ ଦେହରେ ବୋଳିହୋଇ ଓଡ଼ିଆ ପାଇକ ବେଶରେ ନିଜକୁ ସଜ୍ଜିତ କରନ୍ତି । ଦୁଇ ଦଳରେ ବିଭକ୍ତ ହୋଇ ସବୁଜ ଓ ଲାଲ ପୋଷାକ ପିନ୍ଧି ହାତରେ ଖଣ୍ଡା ଓ ଢ଼ାଲଧରି ବୀରବାଦ୍ୟର ତାଳ ସହିତ ପାଦ ମିଳାଇ ବିପରୀତ ଦିଗରୁ ଆସି ଏମାନେ ନିଜ ନିଜର ଖଣ୍ଡାଖେଳର ପରାକାଷ୍ଠା ଦେଖାଇ ଦର୍ଶକମାନଙ୍କୁ ମୁଗ୍ଧ କରନ୍ତି । ଏହି ନୃତ୍ୟରେ ଧୂମସା (Kettle-drum), ମହୁରୀ, ଢ଼ୋଲ, ଚଡ଼ଚଡ଼ି ପ୍ରଭୃତି ଦେଶୀୟ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ । ଯେତେବେଳେ 'ମାରୁ' ବାଦ୍ୟ ବାଜିଉଠି ଏକ ଅଲୌକିକ ପରିବେଶ ଓ ଉନ୍ମାଦନା ସୃଷ୍ଟିକରେ, ନୃତ୍ୟକାରୀମାନେ ଜଣକୁ ଜଣେ ହୋଇ କୌତୁକ-ଯୁଦ୍ଧ ଆରମ୍ଭ କରିଦିଅନ୍ତି । ସେମାନଙ୍କର ସାବଲୀଳ ବୃତ୍ତାକାର ଓ ଅର୍ଦ୍ଧବୃତ୍ତାକାର ଗତିଭଙ୍ଗୀ ଅତୀବ ଚିତ୍ତା-କର୍ଷକ ବୋଧହୁଏ । ଏହି ନୃତ୍ୟ ପ୍ରାୟ ଏକ ଘଣ୍ଟାଧରି ଚାଲେ । ବିଶ୍ୱକବି ରବୀନ୍ଦ୍ରନାଥ ଜାଭା ଭ୍ରମଣରେ ଯାଇଥିବାବେଳେ ସେଠାକାର ସମରନୃତ୍ୟ ସମ୍ବନ୍ଧରେ ଲେଖିଥିଲେ—

'Their tongue is silent, but the whole body does the talking by signs as well as movements. Nothing could be more foreign to any actual field of battle than this form they give to their dance-warfare. But if some fairyland had been governed by the rule that fighting must be done rhythmically, a false step entailing defeat then this is the kind of battle that would have been Waged there. (କ)

(କ) Letters from Java-The VisWabharati quarterly-Vol No 1, 1928, April.

Digitized by srujanika@gmail.com

ଚାଭାର ସମର ନୃତ୍ୟ ସମ୍ବନ୍ଧରେ ରବୀନ୍ଦ୍ରନାଥଙ୍କର ଏହି ସୁନ୍ଦର ମନ୍ତବ୍ୟଟି ମୟୂରଭଞ୍ଜ 'ସମର ନୃତ୍ୟ' ପ୍ରତି ଏକାନ୍ତଭାବେ ପ୍ରଯୁଜ୍ୟ । ସୈନ୍ୟ ଶ୍ରେଣୀର ସାଧାସିଧା 'ରୁକ୍‌ମାର' ବା 'ଫରିଖଣ୍ଡା' ଖେଳ ରାଜପ୍ରାସାଦର ଏକ ସୌଖୀନ୍ ନୃତ୍ୟକଳାରେ ରୂପାନ୍ତରିତ ହୋଇଥିଲା ।

ଖ୍ରୀ: ୧୯୧୨ ଜାନୁୟାରୀ ମାସରେ ସମ୍ରାଟ୍ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀ ମେରୀଙ୍କର କଲିକତା ଆଗମନ ଉପଲକ୍ଷେ ମୟୂରଭଞ୍ଜ ଛଉନୃତ୍ୟ ପ୍ରଥମଥର ପାଇଁ ଓଡ଼ିଶା ବାହାରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ ପାଇକନୃତ୍ୟ ବା ସମରନୃତ୍ୟ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଶଂସାଭାଜନ ହୋଇପାରିଥିଲା । ଖ୍ରୀ. ୧୯୧୨ ଜାନୁୟାରୀ ୬ ତାରିଖ ସଂଖ୍ୟାରେ ଷ୍ଟେଟ୍‌ସମେନ୍ ସମ୍ବାଦପତ୍ର ଲେଖିଥିଲେ—

······The dance drew universal appreciation. The Oriya paik dance was a great spectacle'.

ସେହିପରି Englishman ସମ୍ବାଦପତ୍ର ଲେଖିଥିଲେ—
'The war-dance of the Oriya paiks, it is under stood, was much admired by their majesties. Thepaiks danced their best and furnished a relief from the monotony of silent processions.

ସମରନୃତ୍ୟରେ ଅଧିକ ଲୋକ ଦରକାର ହୁଅନ୍ତି ଓ ଏହା ଅଧିକ ଶ୍ରମସାପେକ୍ଷ । ବାଦ୍ୟର ତାଳ ସହିତ ତାଳରକ୍ଷି ନାଚି ନ ପାରିଲେ ନୃତ୍ୟକାରୀ ନିଜକୁ କ୍ଷତବିକ୍ଷତ କରିବା ସଙ୍ଗେ ସଙ୍ଗେ ଅନ୍ୟକୁ ବିପଦଗ୍ରସ୍ତ କରିବାର ଆଶଂକା ସବୁବେଳେ ଥାଏ । ଏହିସବୁ କାରଣରୁ ଗତ କେତେବର୍ଷ ଧରି ମୟୂରଭଞ୍ଜରେ ସମରନୃତ୍ୟ ଏକପ୍ରକାର ବନ୍ଦକରି ଦିଆଯାଇଛି ।

ଚଇତ ପର୍ବ :—

ଭାରତର ଅନ୍ୟାନ୍ୟ ହିନ୍ଦୁ ନୃତ୍ୟ ପରି ଛଉନୃତ୍ୟ ଧର୍ମୋପାସନା ସହିତ ନିବିଡ଼ ଭାବେ ଜଡ଼ିତ । ନଟରାଜ ଶିବ ନୃତ୍ୟର ଅଧିଷ୍ଠାତା ଦେବତା ରୂପେ ପୂଜିତ । ଶିବଙ୍କର ତାଣ୍ଡବ ନୃତ୍ୟ ଯୋଗୁଁ ବିଶ୍ୱର ସୃଷ୍ଟି, ସ୍ଥିତି ଓ ସଂହାର ସଂଘଟିତ ହୁଏ ବୋଲି ହିନ୍ଦୁ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । ଶିବ ତାଣ୍ଡବ ଶୈଳୀର ଅଧିଷ୍ଠାତା ଓ ଶକ୍ତି ଲାସ୍ୟ ଶୈଳୀର ଅଧିଷ୍ଠାତ୍ରୀ ରୂପେ ନୃତ୍ୟକାରୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି ।

Digitized by srujanika@gmail.com

ମୟୂରଭଞ୍ଜ ଓ ଓଡ଼ିଶାର ଉତ୍ତର ପୂର୍ବାଞ୍ଚଳରେ ଛଉନୃତ୍ୟ 'ଚଇତ୍ରପର୍ବ' ନାମରେ ହିଁ ଲୋକମାନଙ୍କ ନିକଟରେ ପରିଚିତ । ସରେଇକଳା ତଥା ସମଗ୍ର ସିଂହଭୂମି ଅଞ୍ଚଳରେ ଚଇତ୍ରପର୍ବ ଏକ ପ୍ରଧାନ ଜାତୀୟ ପର୍ବ ରୂପେ ପାଳିତ ହୁଏ । ପ୍ରତିବର୍ଷ ଚୈତ୍ର ମାସର ଶେଷ ତିନି ଦିନ ଧରି ଶିବ ଓ ଶକ୍ତିଙ୍କ ଉପାସନା ସହି ନୃତ୍ୟ, ଗୀତ ଓ ଆମୋଦପ୍ରମୋଦରେ ଆବାଳବୃଦ୍ଧବନିତା ଏହି ବସନ୍ତୋ- ତ୍ସବରେ ଆତ୍ମହରା ହୁଅନ୍ତି । ନବବସନ୍ତ ଆଗମନରେ ମୟୂରଭଞ୍ଜ ଓ ସିଂହଭୂମିର ପାର୍ବତ୍ୟାଞ୍ଚଳ ଅପୂର୍ବ ଶୋଭାଶ୍ରୀ ଧାରଣ କରେ । କୃଷିକାରୀମାନେ ଶସ୍ୟ ଅମଳ ଶେଷ କରିଥା'ନ୍ତି । ନୂତନ ବର୍ଷର କୃଷିକାର୍ଯ୍ୟ ଆରମ୍ଭ ହେବା ଡେରିଥାଏ । ଆନନ୍ଦ ଉତ୍ସବ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ।

ଚୈତ୍ରପର୍ବ ଆରମ୍ଭରେ ମୟୂରଭଞ୍ଜର ବାରିପଦାଠାରେ ଭୈରବ ଓ ଅମ୍ବିକାଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜା ଅନୁଷ୍ଠିତ ହୁଏ । 'ଭକ୍ତା' ପୂଜା ଏହି ପର୍ବର ଏକ ବିଶେଷ ଅଂଶ । ଭକ୍ତାମାନେ ବ୍ରତ ପାଳନ କରି ଏହି ପୂଜାରେ ଭାଗ ନିଅନ୍ତି । ଏହି 'ଭକ୍ତା'ମାନଙ୍କ ଭିତରେ ବିଭିନ୍ନ ଜାତିର ଲୋକ ଥା'ନ୍ତି । ଏହି ସମୟରେ ଓଡ଼ିଶାର ବିଭିନ୍ନ ଶକ୍ତି ପୀଠରେ 'ପାଟୁଆ' ମାନଙ୍କର ବ୍ରତ ପାଳନ ଓ ନାଚ ବିଷୟ ଏଠାରେ ଉଲ୍ଲେଖ କରାଯାଇପାରେ । ଚଇତ୍ରପର୍ବ ନାଚ ବା ଛଉନୃତ୍ୟ ଆରମ୍ଭ ପୂର୍ବରୁ ମୟୂରଭଞ୍ଜର ନୃତ୍ୟକାରୀମାନେ ଭୈରବ ଓ ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା ଶେଷ କରି ନୃତ୍ୟମଞ୍ଚକୁ ଯାଆନ୍ତି । ରାଜସରକାରଙ୍କ ଅମଳରେ ମୟୂରଭଞ୍ଜ ରାଜପ୍ରାସାଦରେ ଛଉନୃତ୍ୟ ଅନୁଷ୍ଠିତ ହେଉଥିଲା । ତିନିଦିନ ଧରି ନୃତ୍ୟ ଓ ବାଦ୍ୟ ଧ୍ୱନିରେ ରାଜପ୍ରାସାଦ ମୁଖରିତ ହୋଇଉଠେ । ପ୍ରତିଯୋଗିତା ଦ୍ୱାରା ଛଉନୃତ୍ୟର ଉନ୍ନତି ସାଧନ ନିମିତ୍ତ ମୟୂରଭଞ୍ଜ ଛଉଦଳକୁ ଉତ୍ତରସାହି ଓ ଦକ୍ଷିଣ ସାହି ଏହି ଦୁଇ ଦଳରେ ବିଭକ୍ତ କରାଯାଇଛି । ସେମାନେ ରାଜପ୍ରାସାଦରେ ସମବେତ ବିରାଟ ଜନତା ଓ ରାଜପରିଜନବର୍ଗଙ୍କ ସମ୍ମୁଖରେ ନୃତ୍ୟରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରି ମହାରାଜା ଓ ମହାରାଣୀଙ୍କ ଦ୍ୱାରା ପୁରସ୍କୃତ ହୁଅନ୍ତି । ଚଇତ୍ରପର୍ବ ତିନି ଦିନ ଧରି ରାଜପ୍ରାସାଦର ଦ୍ୱାର ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହେ । ନୃତ୍ୟ ଆରମ୍ଭ ହେବା ପୂର୍ବରୁ ଧୂମସା, ଢୋଲ ଓ ମହୁରୀରେ ଯେତେବେଳେ ରଙ୍ଗବାଦ୍ୟ (ଏହାର ସ୍ୱର ଓ ତାଳ ଛଉଠାରୁ ସ୍ୱତନ୍ତ୍ର) ବାଜିଉଠି ସନ୍ଧ୍ୟାକାଶକୁ ମୁଖରିତ କରେ ନର୍ତ୍ତକ ତଥା ଜନସାଧାରଣଙ୍କ ପ୍ରାଣରେ ଅପୂର୍ବ ଉନ୍ମାଦନା ସଞ୍ଚାର ହୁଏ । ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ ଆସି ନୃତ୍ୟମଞ୍ଚର ଚତୁଃପାର୍ଶ୍ୱକୁ ଘେରି ରୁଣ୍ଡ ହୁଅନ୍ତି । ନୃତ୍ୟ ଆରମ୍ଭ ହେଲେ ବାଦ୍ୟର ସ୍ୱର ବଦଳେ । ସ୍ୱତନ୍ତ୍ର ଭାବେ ନିର୍ମିତ ନୃତ୍ୟମଞ୍ଚରେ ନୃତ୍ୟ ପରେ ନୃତ୍ୟ

Digitized by srujanika@gmail.com

ପ୍ରଦର୍ଶିତ ହୋଇଥାଏ । ସାରା ରାତି ଉଜାଗର ରହି ବରାଟ ଜନତା ନିର୍ନିମେଷ ନୟନରେ ନଜର ଜାଗାୟୁ ନୃତ୍ୟ ଦେଖି ମୁଗ୍ଧ ହୁଅନ୍ତି ।

ସରେଇକଲାରେ 'ଏହି ଚଇତପର୍ବ' ଅତି ନିଷ୍ଠା ଓ ଆଡ଼ମ୍ବର ସହକାରେ ପାଳିତ ହୁଏ । ନୃତ୍ୟଗୀତର ଉନ୍ମାଦନା ଭିତରେ ଲୋକେ ସେମାନଙ୍କର ଦୁଃଖ ଜଞ୍ଜାଳ ଭୁଲି ଆତ୍ମହରା ହୁଅନ୍ତି । ସରେଇକଲାର 'ଯାତ୍ରାଘଟ' ଓ 'କାଳୀଘଟ' ଶିବ ଓ ଶକ୍ତି ଉପାସନାର ପ୍ରତୀକ । ମୟୂରଭଞ୍ଜ ପରି ସରେଇକଲାରେ ମଧ୍ୟ ଛଉନୃତ୍ୟ ଶିବଶକ୍ତି ଉପାସନା ଓ ଭକ୍ତିପୂଜା ଇତ୍ୟାଦି ଧର୍ମାନୁଷ୍ଠାନ ସହ ନିବିଡ଼ ଭାବେ ଜଡ଼ିତ ।

ମୟୂରଭଞ୍ଜର ବାମନଘାଟି ପ୍ରଭୃତି ଅଞ୍ଚଳ ଓ ସରେଇକଲା ଏବଂ ସିଂହଭୂମିର ପୁର-ପଲ୍ଲୀରେ ମଧ୍ୟ ଚଇତପର୍ବ ମହାସମାରୋହରେ ପାଳିତ ହୁଏ । ପୁରପଲ୍ଲୀରେ ଅନୁଷ୍ଠିତ ଚଇତପର୍ବ ବା ଛଉନୃତ୍ୟ ଏତେଦୂର ମାର୍ଜିତ ବା ଉନ୍ନତ ନୁହେଁ ।

Digitized by srujanika@gmail.com

ନୃତ୍ୟଶିକ୍ଷା ଓ ମୟୂରଭଞ୍ଜ ଛଉନୃତ୍ୟର କେତେକ ମୌଳିକ ଟେକ୍‌ନିକ୍

ଛଉନୃତ୍ୟ ଏକ ଅତ୍ୟାୟାସସାଧ୍ୟ ବ୍ୟାପାର । ଏଥିପାଇଁ ନୃତ୍ୟକାରୀମାନଙ୍କୁ କଠୋର ଶାରୀରିକ ସାଧନା କରିବାକୁ ପଡ଼େ । ମୟୂରଭଞ୍ଜ ରାଜସରକାର ଅମଳରେ ମହାରାଜା ଓ ଉଚ୍ଚ ରାଜକର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃତ୍ୟ-କାରୀମାନଙ୍କୁ ଚଳିବାକୁ ହେଉଥିଲା । ସାଧାରଣତଃ ପାଞ୍ଚବର୍ଷଠାରୁ ପନ୍ଦରବର୍ଷ ବୟସ୍କ ବାଳକମାନଙ୍କୁ ସେମାନଙ୍କର ରୂପରେଖ ଓ ଶାରୀରିକ ଗଠନ ଦେଖି ନୃତ୍ୟ ଶିକ୍ଷା ପାଇଁ ମନୋନୟନ କରାଯାଏ । ସେମାନଙ୍କର ଭରଣପୋଷଣ ଦାୟିତ୍ୱ ଅନେକଟା ରାଜସରକାର ବହନ କରନ୍ତି । ମୟୂରଭଞ୍ଜ ରାଜବଂଶର କଳାପ୍ରୀତି ଓଡ଼ିଶାରେ କାହାରିକୁ ଅବିଦିତ ନୁହେଁ । ରାଜାନୁଗ୍ରହ ହେତୁ ଛଉଦଳର ଲୋକ-ମାନଙ୍କୁ ନିଜର ବା ପରିବାରର ଅଭାବ ଅସୁବିଧା ନେଇ ବିଶେଷ ଚିନ୍ତା କରିବାକୁ ପଡ଼ୁନାହିଁ ।

ନିୟମିତ ନୃତ୍ୟଶିକ୍ଷା ଦଶହରାଠାରୁ ଚୈତ୍ରପର୍ବ ପର୍ଯ୍ୟନ୍ତ ଦୀର୍ଘ ଛ'ମାସ ଧରି ଚାଲେ । ଦଶହରା ଦିନ ଭୈରବଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜା ଅନୁଷ୍ଠିତ ହୁଏ ଏବଂ ଦେବତାଙ୍କ ନିକଟରେ ପୂଜିତ ଲାଲ ସାଲୁକନା 'ସାଗିରଥ' (ନଟ)ଙ୍କ ଡାହାଣ ହାତରେ ଓସ୍ତାଦ୍ ଗିଣ୍ଠାଇ ଦିଅନ୍ତି । ଏହାକୁ 'ନାଡ଼ାବନ୍ଧା' କହନ୍ତି । ଏହି ଦିନଠାରୁ ବ୍ରହ୍ମଚର୍ଯ୍ୟ ପାଳନ କରିବା ଓ ମାଦକଦ୍ରବ୍ୟ ସେବନ ନ କରିବାକୁ ନୃତ୍ୟକାରୀମାନେ ଶପଥ ଗ୍ରହଣ କରନ୍ତି । ଚଇତପର୍ବଯାଏ ଏହି ନିୟମ କଠୋର ଭାବେ ପାଳନ କରିବାର ବିଧି ଅଛି । ନୃତ୍ୟକାରୀମାନେ ପ୍ରତ୍ୟହ ପ୍ରତ୍ୟୁଷରୁ ଉଠି ଦୌଡ଼, ଦଣ୍ଡବୈଠକ ପ୍ରଭୃତି ନାନା କୁସ୍ତି-କସରତ କରନ୍ତି । ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଏ । ଏହାଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସଙ୍ଗେ ସଙ୍ଗେ ଅଙ୍ଗପ୍ରତ୍ୟଙ୍ଗର କ୍ରିୟାଶୀଳତା ବୃଦ୍ଧିପାଏ । ସୁଦକ୍ଷ ଓସ୍ତାଦମାନେ ନୃତ୍ୟଶିକ୍ଷା ଦାୟିତ୍ୱରେ ରହନ୍ତି । ଚଇତପର୍ବ ସମୟରେ ନିଜ ନିଜ ନୃତ୍ୟକଳାର ଉତ୍କର୍ଷତା ଦେଖାଇବା ପାଇଁ ଉତ୍ତରସାହି ଓ ଦକ୍ଷିଣସାହି ଦଳ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଚାଲେ । ମହାରାଜାଙ୍କ ଦ୍ୱାରା ନିଯୁକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କ ହାତରେ ଏହି ଦୁଇ ଦଳର ପରିଚାଳନା ଭାର ନିହିତ ଥାଏ ।

Digitized by srujanika@gmail.com

ନୂତନ ଶିକ୍ଷାର୍ଥୀମାନଙ୍କୁ ଛଉନୃତ୍ୟର ପ୍ରାଥମିକ ଓ ମୌଳିକ ଟେକ୍‌ନିକ୍‌ଗୁଡ଼ିକ ପ୍ରଥମେ ଅଭ୍ୟାସ କରିବାକୁ ପଡ଼େ । ପ୍ରଥମ ହେଲ 'ଚୌକବନ୍ଧା' । ଏଥିରେ ଭୂମି ଉପରେ ପାଦ ଦୁଇଟି ତେରସ୍ଥ କରି ରଖି ଆଣ୍ଠୁ ଗଣ୍ଠି ଦେହକୁ ତଳକୁ ଦବାଇବାକୁ ପଡ଼େ, ଯେପରି ପାଦ ଦୁଇଟି ଏକ ବର୍ଗାକାର କ୍ଷେତ୍ର ସୃଷ୍ଟି କରିବ । ବାମହସ୍ତ କହୁଣିଠାରୁ ସମକୋଣଭାବେ ତଳକୁ ଝୁଲିରହେ ଓ ଦକ୍ଷିଣ ହସ୍ତ କହୁଣିଠାରୁ ସମକୋଣ କରି ଉପରକୁ ଟେକା ରହେ । ଏଥିରେ ହସ୍ତପଦ ଇତ୍ୟାଦି ଚତୁଷ୍କୋଣ ଅବସ୍ଥାରେ ରହୁଥିବାରୁ ଏହାକୁ ଚୌକ କହନ୍ତି । ନୃତ୍ୟ-ଶିକ୍ଷାର୍ଥୀମାନଙ୍କୁ ମୟୂରଭଞ୍ଜ ଛଉନୃତ୍ୟର ଏହି ମୌଳିକ ଭଙ୍ଗୀକୁ ବହୁତଦିନ ଧରି ଅଭ୍ୟାସ କରିବାକୁ ପଡ଼େ । 'ଚୌକ' ଅଭ୍ୟାସ ହୋଇଗଲେ ଶିକ୍ଷାର୍ଥୀର ଡ଼ାହାଣ ହାତରେ ଖଣ୍ଡା ଓ ବାମହାତରେ ଢ଼ାଲ ଧରାଇ ଦିଆଯାଏ । ଏହି ଅସ୍ତ୍ରଧାରଣ ହେତୁ ଏହାକୁ 'ଧରଣ' କହନ୍ତି । ଧରଣର ଚୌକଭଙ୍ଗୀ ପୂର୍ବପରି ରହେ; ଅଣ୍ଟାଠାରୁ ଉପରକୁ ଆଦୌ ନଡ଼ନଡ଼ି ନକରି କ୍ରମେ ପରିଚାଳନା ଅଭ୍ୟାସ କରିବାକୁ ହୁଏ । 'ଚୌକ' ଓ 'ଧରଣ'ରେ ଦକ୍ଷତା ଆସିଗଲେ ନୃତ୍ୟକାରୀଙ୍କୁ ଉନଭୂଡ଼ା ଘୁରା ଓ ପାଦ ପକାଇବାର ବିଭିନ୍ନ ଭଙ୍ଗୀ ଶିକ୍ଷା ଦିଆଯାଏ । ମୟୂରଭଞ୍ଜ ଛଉନୃତ୍ୟରେ ପ୍ରତ୍ୟେକ ଅଭିନୟ ଶେଷରେ ଉନଭୂଡ଼ା ଘୂରି ନର୍ତ୍ତକକୁ ଚୌକଭଙ୍ଗୀକୁ ଫେରି ଆସିବାକୁ ପଡ଼େ । ଭରତନାଟ୍ୟମ୍ ଓ କଥକ ପ୍ରଭୃତି ନୃତ୍ୟରେ ପ୍ରତ୍ୟେକ ଅଭିନୟ ଶେଷରେ ଏକ ସ୍ୱତନ୍ତ୍ର ନୃତ୍ୟଭଙ୍ଗୀରେ ନୃତ୍ୟକାରୀଙ୍କୁ ଛିଡ଼ାହେବାକୁ ହୁଏ । ଚୌକ ବା ଧରଣଭଙ୍ଗୀ ଏ ଦୃଷ୍ଟିରୁ ମୟୂରଭଞ୍ଜ ଛଉନୃତ୍ୟର ସ୍ୱକୀୟ ଭଙ୍ଗୀ । ସରେଇକଳା ଛଉନୃତ୍ୟର ଭଙ୍ଗୀ ଏହାଠାରୁ ପୃଥକ୍ । ସେଠାରେ ଡ଼ାହାଣ ହାତ ମୁଷ୍ଟିବଦ୍ଧ ହୋଇ ଗ୍ରୀବା ପାଖରେ ରହେ ଓ ବାମ ହାତ ତଳକୁ ଝୁଲିରହେ ।

ଟପ୍‌କା :—(ବିଭିନ୍ନ ଭଙ୍ଗୀରେ ପାଦ ପକାଇବା ଓ ଗତିକରିବାର ଶୈଳୀ)

ଟପ୍‌କା ପ୍ରାୟ ଛ' ପ୍ରକାର, ଯଥା :—ସାଧା ଟପ୍‌କା, ଲହରି ଟପ୍‌କା, ଡୁବା ଟପ୍‌କା, ଉପକା ଟପ୍‌କା, ତେଉ ଟପ୍‌କା ଓ ମୁଡ଼ା ଟପ୍‌କା । ପ୍ରତ୍ୟେକ ଛଉନୃତ୍ୟକାରୀଙ୍କୁ ଏହି ଟପ୍‌କାଗୁଡ଼ିକ ଶିକ୍ଷା କରିବାକୁ ହୁଏ ।

ଉଫିଲ ବା ଉପଲୟ :—

ଚୌକ, ଧରଣ ଓ ଟପ୍‌କାରେ ଦକ୍ଷତା ଆସିଗଲେ ନୃତ୍ୟ-ଶିକ୍ଷାର୍ଥୀମାନଙ୍କୁ ଛଉନୃତ୍ୟର ଉଫିଲ ବା ଉପଲୟଗୁଡ଼ିକ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ଉଫିଲ ବା ଉପଲୟ କେତେଗୁଡ଼ିଏ ଅଙ୍ଗଭଙ୍ଗୀ ବା କରଣର ସମାହାରରେ ସମ୍ପାଦିତ ହୋଇ-

Digitized by srujanika@gmail.com

ଥାଏ । ଭରତମୁନି ତାଙ୍କ ନାଟ୍ୟ-ଶାସ୍ତ୍ରରେ ୧୦୮ କରଣର ଉଲ୍ଲେଖ କରିଅଛନ୍ତି । କେତେକ କରଣର ସମଷ୍ଟିରେ ଗୋଟିଏ 'ଅଙ୍ଗହାର' ହୁଏ । ଏହି ଅଙ୍ଗହାର ୩୨ ପ୍ରକାର ବୋଲି ନାଟ୍ୟ ଶାସ୍ତ୍ରକାର ଲେଖିଛନ୍ତି । ମୟୂରଭଞ୍ଜ ଛଉନୃତ୍ୟରେ ଅଙ୍ଗହାରକୁ 'ଉଫିଲ' ବା ଉପଲୟ କୁହାଯାଏ ଏବଂ ଛଉ-ଓସ୍ତାଦମାନଙ୍କ ମତରେ ଏଗୁଡ଼ିକର ସଂଖ୍ୟା ହେଉଛି ଛତିଶ । କେତେଗୋଟି ଉଫିଲର ନାମ ଏଠାରେ ଦିଆଗଲା :—ଗୁଟିଉଠା, ଗୋବର ଗୋଳା, ଖରକା, ଚୁଷ୍ଟଦିଆ, ବାସନମଜା, ହଳଦୀବଟା, ଗାଧୁଆ, ମଥାଝଡ଼ା, ସିନ୍ଥାଫଡ଼ା, ସିନ୍ଦୂର ପିନ୍ଧା, ଧାନକୁଟା, ଧାନପାଛୁଡ଼ା, ଅନ୍ତମୋଡ଼ା, କଣ୍ଠାକଟା, କଣ୍ଠାଫିଙ୍ଗା, ବଗଟକ୍‌କା, ଖଣ୍ଡାହଣା, ହାବସା, ବତାଚରି, ହରିଣଡ଼ିଆଁ ଇତ୍ୟାଦି । ଏହି ତାଲିକାରୁ ଜଣାଯିବ ଯେ ଉଫିଲଗୁଡ଼ିକର ନାମ ଓଡ଼ିଶାର ପଲ୍ଲୀଜୀବନର ଦୈନନ୍ଦିନ ଘଟଣାରୁ ଗୃହୀତ । ଏଗୁଡ଼ିକ ଛଉନୃତ୍ୟର ମୌଳିକ ଅଳଙ୍କାର ଏବଂ ନାଟ୍ୟଶାସ୍ତ୍ରୋକ୍ତ କରଣମାନଙ୍କ ସହିତ ଏଥିରେ ବ୍ୟବହୃତ ଭଙ୍ଗୀର ଅନେକ ମେଳ ଅଛି । ଏହି ଛତିଶ ମୂଳ ଉଫିଲ ବ୍ୟତୀତ ନୃତ୍ୟର ଆବଶ୍ୟକତାନୁଯାୟୀ ଛଉ-ଓସ୍ତାଦମାନେ ଆହୁରି ଅନେକ ଅଳଙ୍କାର ମଧ୍ୟ ରଚନା କରିଅଛନ୍ତି ।

ଚୌକ, ଧରଣ, ଟକ୍‌କା ଓ କେତେକ ବିଶିଷ୍ଟ ଉଫିଲ୍‌ରେ ଦକ୍ଷତା ଆସିଗଲେ ଶିକ୍ଷାର୍ଥୀ ସାଧାରଣରେ ନୃତ୍ୟ ପ୍ରଦର୍ଶନ କରିବାକୁ ଉପଯୁକ୍ତ ବିବେଚିତ ହୋଇଥାଏ । ଛଉନୃତ୍ୟର ଟେକ୍‌ନିକ୍ ଇତ୍ୟାଦି ଉପରେ କୌଣସି ବିଧିବଦ୍ଧ ଗବେଷଣା ଆଜିଯାଏ ହୋଇନାହିଁ କିମ୍ବା ଏହି ନୃତ୍ୟର ମୌଳିକ ଟେକ୍‌ନିକଗୁଡ଼ିକୁ ନେଇ କୌଣସି ପ୍ରାମାଣ୍ୟ ପୁସ୍ତକ ରଚନା କରାଯାଇନାହିଁ । ସୁଦକ୍ଷ ନୃତ୍ୟ-ଓସ୍ତାଦମାନଙ୍କ ଦ୍ୱାରା ପରମ୍ପରା କ୍ରମେ ଏହି ନୃତ୍ୟର ମୌଳିକତା ଏଯାଏ ବଜାୟ ରହିପାରିଛି । ସରାଇକଳା ଓ ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତାରେ ଛଉ ଓସ୍ତାଦ ତଥା ନୃତ୍ୟଶିଳ୍ପୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ କଳାପ୍ରୀତି ଯୋଗୁଁ ଏକ ଗଣନୃତ୍ୟ (Folkdance) ବିଭିନ୍ନ ସ୍ତରରେ ଉନ୍ନତି ଲାଭ କରି ଏକ ଉନ୍ନତ ପାରମ୍ପରିକ ନୃତ୍ୟରେ ପରିଣତ ହୋଇପାରିଛି । ସରାଇକଳା ଓ ମୟୂରଭଞ୍ଜ ରାଜପରିବାରର ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ନୃତ୍ୟର ବିକାଶରେ ବହୁଭାବେ ସାହାଯ୍ୟ କରିଅଛନ୍ତି । ଏ ସମ୍ପର୍କରେ ସରାଇକଳାର କୁମାର ଶୁଭେନ୍ଦ୍ର, କୁମାର ବିଜୟପ୍ରତାପ ସିଂହଦେଓଙ୍କ ନାମ ବିଶେଷଭାବେ ଉଲ୍ଲେଖ ଯୋଗ୍ୟ । କୁମାରଶୁଭେନ୍ଦ୍ରଙ୍କର ଅସାଧାରଣ ନୃତ୍ୟ ପ୍ରତିଭା କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ଛଉନୃତ୍ୟକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରିଥିଲା । ଅଳ୍ପ ବୟସରେ ଶୁଭେନ୍ଦ୍ରଙ୍କର ଅକାଳବିୟୋଗ ହେତୁ ଛଉନୃତ୍ୟର ଅପୂରଣୀୟ କ୍ଷତି

Digitized by srujanika@gmail.com

ଘଟିଛି । ମୟୂରଭଞ୍ଜ ରାଜକବି ସାହେବ ଓ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ମଧ୍ୟ ଜଣେ ଛଉନୃତ୍ୟ ବିଶାରଦ ଥିଲେ । ମୟୂରଭଞ୍ଜ, ବିଶିଷ୍ଟ ଛଉନୃତ୍ୟ ବିଶାରଦମାନଙ୍କ ମଧ୍ୟରେ ବିଶ୍ୱେଶ୍ୱର ଭଞ୍ଜ, ଯୋଗେନ୍ଦ୍ର କୁଅଁର, ରଘୁନାଥ ସିଂହ ବାବୁ, କନ୍ଦର୍ପ ବାବୁ, ବୁଦ୍ଧ ବେହେରା, ଦୀନବନ୍ଧୁ ବେହେରା, ଭଗବାନ ଦାସ, ଶେଜ ମହମୁଦ୍‌ଦିନ ଖାଁ, ଅନନ୍ତ ଚରଣ ସାଏ (କାଳୁବାବୁ), ମଦନମୋହନ ଲେଙ୍କା ପ୍ରଭୃତିଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଉପେନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ପଟ୍ଟନାୟକ ସୁରେନ୍ଦ୍ର ପ୍ରତାପ ସିଂହଦେଓ ଓ ବନବିହାରୀ ପଟ୍ଟନାୟକ ପ୍ରଭୃତି ସରେଇକଳା ଛଉନୃତ୍ୟ ବିଶାରଦ ଭାବେ ଖ୍ୟାତିଲାଭ କରିଅଛନ୍ତି ଓ ମୟୂରଭଞ୍ଜ ଛଉନୃତ୍ୟ ବିକାଶରେ ଉପେନ୍ଦ୍ର ବିଶ୍ୱାଳଙ୍କ ଅବଦାନ କମ୍ ନୁହେଁ ।

●

Digitized by srujanika@gmail.com

ନୃତ୍ୟ ରଚନା ଓ ମଞ୍ଚ ପରିବେଷଣ

ବିଷୟବସ୍ତୁ ଦୃଷ୍ଟିରୁ ଛଉନୃତ୍ୟ ଗୁଡ଼ିକୁ ସ୍ଥୂଳତଃ ତିନିଭାଗରେ ବିଭକ୍ତ କରାଯାଇପାରେ—

(୧) ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ହିନ୍ଦୁ ପୁରାଣରୁ ଗୃହୀତ କଥାବସ୍ତୁ । କଥାକଳି ନୃତ୍ୟପରି ପୌରାଣିକ ବିଷୟଗୁଡ଼ିକ ଆରମ୍ଭରୁ ଶେଷଯାଏ ପ୍ରଦର୍ଶନ କରାନଯାଇ ଏକ ଏକ ବିଶେଷ ଘଟଣା ଛଉରେ ପ୍ରଦର୍ଶନ କରାଯାଏ । ଗୋଟିଏ ଗୋଟିଏ ନୃତ୍ୟ ପ୍ରଦର୍ଶନ ପାଇଁ ପ୍ରାୟ ପନ୍ଦର ମିନିଟ୍‌ରୁ ଅଧଘଣ୍ଟାଯାଏ ସମୟ ଲାଗେ । କିରାତାର୍ଜ୍ଜୁନ, ତାମୁଡ଼ିଆ କୃଷ୍ଣ, ବାଉଲ କୃଷ୍ଣ, ଗୀତା, ନଟରାଜ, ମାୟା ଶବରୀ, ଗରୁଡ଼ ବାହନ, ରଙ୍ଗିଆ କୃଷ୍ଣ, କୈଳାସଲୀଳା ଓ ଉଷା ଅନିରୁଦ୍ଧ ପ୍ରଭୃତି ନୃତ୍ୟ ଏହି ଶ୍ରେଣୀର ଅନ୍ତର୍ଗତ ।

(୨) ଆରଣ୍ୟ ପ୍ରକୃତି ଓ ଜୀବଜନ୍ତୁ ସମ୍ବନ୍ଧୀୟ କଥାବସ୍ତୁ । ଶିକାରୀନୃତ୍ୟ, ମୟୂରନୃତ୍ୟ, ପ୍ରଜାପତି ନୃତ୍ୟ, ଜମ୍ବୁଦେବ (ଭଲ୍ଲୁକରାଜ) ଫୁଲ ଓ ଭ୍ରମର ଏବଂ କୁରଙ୍ଗ ନୃତ୍ୟ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ ।

(୩) କାଳ୍ପନିକ ବିଷୟବସ୍ତୁ ସମ୍ବଳିତ ନୃତ୍ୟ । ମରୁମାୟା, ଅକଳ ସଲାମି, ଡାଇମଣ୍ଡ ଜୁବିଲି ଓ କାର୍ଡଡାନ୍ସ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ ।

ନୃତ୍ୟ ରଚନା ପାଇଁ ବିଷୟବସ୍ତୁର ଅଭାବ ନାହିଁ । ପ୍ରତିବର୍ଷ ଅନେକ ନୂଆ ନୂଆ ନୃତ୍ୟ ରଚିତ ହୋଇ ଚଇତିପର୍ବ ସମୟରେ ପ୍ରଦର୍ଶିତ ହୁଏ । ଏହି ନୃତ୍ୟଗୁଡ଼ିକ ମଧ୍ୟରୁ କେତେକ ଏକକ, କେତେକ ଦ୍ୱୈତ ଓ ଅନ୍ୟ କେତେକ ଗ୍ରୁପ୍ । ମୟୂରଭଞ୍ଜ ଛଉନୃତ୍ୟରେ ମୁଖାର ବ୍ୟବହାର ନଥିବାରୁ ଗ୍ରୁପ୍‌ନୃତ୍ୟ ପାଇଁ ବିଶେଷ ସୁବିଧା ହୁଏ ଏବଂ ଏହି କାରଣରୁ ସରେଇକଳା ଅପେକ୍ଷା ମୟୂର-ଭଞ୍ଜର ଗ୍ରୁପ୍‌ନୃତ୍ୟ ଅଧିକ ଉନ୍ନତ । ମୁଖାର କ୍ଷୁଦ୍ର ଛିଦ୍ର ଦେଇ ନୃତ୍ୟକାରୀର ଦୃଷ୍ଟିପରିସର ସୀମିତ ହେଉଥିବାରୁ ସରେଇକଳା ଗ୍ରୁପ୍ ନୃତ୍ୟରେ ଅଧିକଲୋକ ଭାଗନେବା ବା ନୃତ୍ୟରେ ସମନ୍ୱୟ ରକ୍ଷା କରିବା ସୁବିଧାଜନକ ହୁଏନାହିଁ ।

ମୁକ୍ତାକାଶ ତଳେ ଖୋଲାମଞ୍ଚ ଉପରେ ଛଉନୃତ୍ୟ ପରିବେଷଣ କରାଯାଏ । ଏଥିପାଇଁ ଚତୁଷ୍କୋଣାକୃତି ପ୍ରଶସ୍ତ ଏକ ଉଚ୍ଚ ମାଟିମଣ୍ଡପ ନିର୍ମିତ ହୁଏ । ଛଉ ନୃତ୍ୟରେ ପାଦଚାଳନା (Foot Work) ପ୍ରଧାନ, ତେଣୁ ଧୂଳି ନ ଉଡ଼ିବା ପାଇଁ ମଣ୍ଡପକୁ ସାମାନ୍ୟ ଆର୍ଦ୍ର ରଖାଯାଏ । ମଣ୍ଡପର ଏକ ଦିଗରେ ମଖମଲ କନାରେ

Digitized by srujanika@gmail.com

ନିର୍ମିତ ଏକ ରଥାକୃତି ସଦୃଶ୍ୟ ମଞ୍ଚ ତିଆରି ହୁଏ । ନୃତ୍ୟକାରୀମାନେ ବାଦ୍ୟ ଧ୍ୱନିର ତାଳେ ତାଳେ ବୀରତ୍ୱବ୍ୟଞ୍ଜକ ଭଙ୍ଗୀରେ ଏହି ସୁସଜ୍ଜିତ ମଞ୍ଚ ଉପରୁ ନୃତ୍ୟ ମଣ୍ଡପକୁ ଅବତରଣ କରନ୍ତି । ମୟୂରଭଞ୍ଜ ଛଉରେ ପ୍ରଥମେ ଭୂମି ଉପରେ ପାଦ ଅଙ୍ଗୁଳି ରଖି ଧୀରେ ଧୀରେ ପାଦ ପକାଇବାକୁ ବୀରଗତି ଓ ପ୍ରଥମେ ଗୋଇଠି ରଖି ଆସ୍ତେ ପାଦ ପକାଇବାକୁ ଲାସ୍ୟଗତି କହନ୍ତି । ଛଉର ସ୍ୱତନ୍ତ୍ର ବାଦ୍ୟ ଓ ତାଳ ସାଥୀକୁ ନର୍ତ୍ତକମାନଙ୍କର ଦେବସୁଲଭ ଗତିରେ ନୃତ୍ୟମଣ୍ଡପ ଉପରେ ଆବିର୍ଭାବ ଦର୍ଶକମାନଙ୍କ ମନରେ ଏକ ଅପୂର୍ବ ଉନ୍ମାଦନା ସୃଷ୍ଟି କରେ । ନୃତ୍ୟ ମଞ୍ଚଟି ସମ୍ପୂର୍ଣ୍ଣଭାବେ ଆଲୋକିତ ହୁଏ । ମଣ୍ଡପର ଗୋଟିଏ ପାର୍ଶ୍ୱକୁ ଲାଗି ବାଦ୍ୟକାରୀମାନଙ୍କ ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ ଏବଂ ମଣ୍ଡପର ତିନିପଟକୁ ଘେରି ଦର୍ଶକମାନେ ବସନ୍ତି । ତିନିପଟେ ଦର୍ଶକ ଥିବାରୁ ଛଉନୃତ୍ୟକାରୀଙ୍କୁ ତିନିପଟର ଦର୍ଶକଙ୍କୁ ଲକ୍ଷ୍ୟରଖି ନୃତ୍ୟ କରିବାକୁ ପଡ଼େ ଏବଂ ନୃତ୍ୟମଞ୍ଚର ଏହି ବ୍ୟବସ୍ଥା ଛଉନୃତ୍ୟ ଶୈଳୀକୁ ବହୁଭାବେ ପ୍ରଭାବିତ କରିଛି ।

ଛଉନୃତ୍ୟ ଆରମ୍ଭ ହେବା ପୂର୍ବରୁ ଧୁମସା, ଢ଼ୋଲ, ମହୁରୀ ଓ ଚଡ଼ଚଡ଼ି ପ୍ରଭୃତି ବାଦ୍ୟଯନ୍ତ୍ର ସାହାଯ୍ୟରେ 'ରଙ୍ଗବାଦ୍ୟ' ବାଜେ । ଏହାର ସ୍ୱର ଓ ତାଳ ଛଉର ସ୍ୱକୀୟ । ଏହି ବାଦ୍ୟ ନର୍ତ୍ତକ ତଥା ଦର୍ଶକମାନଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରେ । ନୃତ୍ୟ ଆରମ୍ଭ ହୋଇଗଲେ ବାଦ୍ୟର ସ୍ୱର ଓ ତାଳ ବଦଳେ । ନୃତ୍ୟମଞ୍ଚ ଉପରେ ଗୋଟିକ ପରେ ଗୋଟିଏ ପୌରାଣିକ ବା କାଳ୍ପନିକ ବିଷୟବସ୍ତୁ ସମ୍ବଳିତ ନୃତ୍ୟ ପ୍ରଦର୍ଶିତ ହେଉଥିବାବେଳେ ବିରାଟ ଜନତା ଅସୀମ ଧୈର୍ଯ୍ୟ ସହକାରେ ରାତି ରାତି ଉଜାଗର ରହି ସେସବୁ ଉପଭୋଗ କରନ୍ତି । ଛଉ ନୃତ୍ୟରେ କଠିନ ଅଙ୍ଗଚାଳନା କରିବାକୁ ପଡ଼ୁଥିବାରୁ ନୃତ୍ୟ ମଝିରେ ନର୍ତ୍ତକଙ୍କୁ ବିଶ୍ରାମ ଦେବାର ବ୍ୟବସ୍ଥା ଥାଏ । ବିଶେଷତଃ ଦ୍ୱୈତ ବା ଗ୍ରୁପ୍ ନୃତ୍ୟରେ ଏଥିପାଇଁ ସୁବିଧା ହୁଏ । ଗୋଟିଏ ଦଳ ଅଭିନୟ ପ୍ରଦର୍ଶନ କରୁଥିବାବେଳେ ଅନ୍ୟ ଦଳଟି ବିଶ୍ରାମର ସୁଯୋଗ ପାଏ । ଛଉନୃତ୍ୟରେ ନୃତ୍ୟକାରୀ ଗୀତ ଗାଏନାହିଁ । କେତେକ ନୃତ୍ୟରେ ଅନ୍ୟମାନେ ଗୀତ ଗାଇଥା'ନ୍ତି ଏବଂ ଢ଼ୋଲ ମହୁରୀ ପ୍ରଭୃତି ଶବ୍ଦରେ ଗୀତଗୁଡ଼ିକ ସ୍ପଷ୍ଟ ଶୁଭୁ ନଥିବାରୁ ଆଜିକାଲି ଗୀତ ଗାଇଲାବେଳେ ଲାଉଡ଼-ସ୍ପିକର ବ୍ୟବହାର କରାଯାଉଛି । ସାଧାରଣତଃ ଝୁମର, ଖଟିଆଲି ଓ ଓଡ଼ଶୀ ରାଗ-ରାଗିଣୀରେ ଏହି ଗୀତଗୁଡ଼ିକ ରଚିତ; କିନ୍ତୁ ପୂର୍ବେ ଛଉନୃତ୍ୟରେ ଗୀତର ବ୍ୟବହାର ନଥିଲା । କାରଣ ଛଉନୃତ୍ୟରେ ବ୍ୟବହୃତ ବାଦ୍ୟଯନ୍ତ୍ର ଉଚ୍ଚସ୍ୱରରେ ବାଜୁଥିବା ହେତୁ ଗୀତର ଲଳିତସ୍ୱର ତା'ସହିତ ଖାପ୍ ଖାଏନାହିଁ । ଗୀତର ବ୍ୟବହାର ଆଧୁନିକ ପ୍ରଭାବରୁ ଘଟିଅଛି । ପ୍ରତି ନୃତ୍ୟ ଶେଷରେ 'ନାଟକୀ' ବାଦ୍ୟ ବାଜେ । ସରେଇକଳାରେ ଏହାକୁ 'ନାଚପାଲି' କହନ୍ତି । ଏହାର ସ୍ୱର ଓ ତାଳ

Digitized by srujanika@gmail.com

ପୁରା ଲୋକସଂଗୀତ ((Folkmusic)ରୁ ଗୃହୀତ । ଏହି ଉନ୍ମାଦନାପୂର୍ଣ୍ଣ ବାଦ୍ୟ ବାଜିବା ସଙ୍ଗେ ସଙ୍ଗେ ନୃତ୍ୟକାରୀମାନଙ୍କ ପାଦ ଦ୍ରୁତ ହୋଇ ଉଠେ ଏବଂ ବିଭିନ୍ନ ସାବଲୀଳ ଭଙ୍ଗୀରେ ନୃତ୍ୟ କରି ସେମାନେ ଏକ ଅପୂର୍ବ ଐନ୍ଦ୍ରଜାଲିକ ପରିବେଶ ସୃଷ୍ଟି କରନ୍ତି ।

ନୃତ୍ୟ ଶେଷରେ ଦର୍ଶକମାନଙ୍କ ଆଡ଼କୁ ମୁହଁ କରି ପଛେଇ ପଛେଇ ନର୍ତ୍ତକମାନେ ନୃତ୍ୟମଣ୍ଡପରୁ ବିଦାୟ ନିଅନ୍ତି ।

ଛଉବାଦ୍ୟ ଓ ରୂପସଜ୍ଜା :—

ଛଉନୃତ୍ୟରେ ସାଧାରଣତଃ ଦୁଇଟି ଧୂମସା (Kettledrum) ସ୍ବର, ଛ'ଟି ଢୋଲ, ଦୁଇଟି ମହୁରୀ ଓ ଦୁଇଟି ଚଡ଼ଚଡ଼ି ବ୍ୟବହୃତ ହୁଏ । ଏଗୁଡ଼ିକ ଛଉର ମୂଳ ବାଦ୍ୟଯନ୍ତ୍ର । କରନେଟ (Cornet) ଇଉଫୋନିୟମ୍ (Euphonium), ବାରିଟୋନ୍ ଓ କ୍ଳାରିଓନେଟ୍ ପ୍ରଭୃତି ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ବହୁ ପରେ ଛଉରେ ପ୍ରବେଶ କରିଛି । କେତେକ ଛଉନୃତ୍ୟରେ ଗୀତ ବୋଲିବାବେଳେ ମାଇକ୍ରୋଫୋନ୍ ଓ ଲାଉଡ଼ସ୍ପିକରର ପ୍ରଚଳନ ହେଉଛି ଅତି ଅଳ୍ପଦିନର ଘଟଣା ।

ଛଉନୃତ୍ୟର ତାଳ ଲୋକଶୈଳୀ ତଥା ଶାସ୍ତ୍ରୀୟ ପଦ୍ଧତିରୁ ଗୃହୀତ ଏବଂ ଏଥିରେ ତାଣ୍ଡବ ଓ ଲାସ୍ୟ ଉଭୟ ଶୈଳୀର ସମାବେଶ ଅଛି । ମୁକ୍ତାକାଶ ରଙ୍ଗମଞ୍ଚର ଅନୁକୂଳ ହେବାପାଇଁ ଏବଂ ଢୋଲ, ମହୁରୀ ପ୍ରଭୃତି ଛଉବାଦ୍ୟ ସାହାଯ୍ୟରେ ବାଜିବା ପାଇଁ ଛଉ ଓସ୍ତାଦମାନେ ଶାସ୍ତ୍ରୀୟ ଭିତ୍ତିରେ ତାଳଗୁଡ଼ିକ ରଚନା କରିଥା'ନ୍ତି । ଏକକ, ଦ୍ୱୈତ, ଗ୍ରୁପ ନୃତ୍ୟ ପାଇଁ ବିଭିନ୍ନ ତାଳ ରଚନା କରାଯାଏ । ମୟୂରଭଞ୍ଜର କେତେକ ଛଉତାଳ ବିଷୟ ଏଠାରେ ଉଲ୍ଲେଖ କରାଗଲା । ତାଳଗୁଡ଼ିକ ପ୍ରାୟ ନୃତ୍ୟମାନଙ୍କ ନାମରେ ନାମିତ ।

ଏକକ ବା ଦ୍ୱୈତ ନୃତ୍ୟ ପାଇଁ :—

ଚଣ୍ଡୀଦଣ୍ଡା, ରକ୍ତପିତୁ, ଶିଶମୂର, ଗରୁଡ଼ଗୋବନ୍ଧ, ଚଉମୁହିଁ ଛଲକଛଣ୍ଡି, ଉଦାମଛଣ୍ଡି, ରସିକନାଗର, ବାଉତାଳ, ଝଁପଟରାସ୍ତ, ଜମ୍ବୁଦେବ, ରଙ୍ଗପଣ୍ଡା, ଶମ୍ଭୁନିଶମ୍ଭୁ, ଦଣ୍ଡୀ, ହଲାୟୁଧ, କାଳନ୍ଦୀ, ଯମୁନା ଇତ୍ୟାଦି ।

ଗ୍ରୁପ (ଚରକଣିଆ) ନୃତ୍ୟ :—

ଡାଇମଣ୍ଡ ଜୁବୁଲି, ଅକଲସଲମି, ବାଗଦାଦାବୁର, ଝଁଟକ ବିଜୁଳି, ମଜାମାଲୁମ ଇତ୍ୟାଦି ।

Digitized by srujanika@gmail.com

ଗ୍ରୁପ ନୃତ୍ୟ :—

ଅର୍ଦ୍ଧାସୁର ବଧ, ଗ୍ୱାଲ, ଧ୍ୱଜାଡାଲ, (ଡାମାଡ଼ ବା ଭୁମିଜଙ୍କଠାରୁ ଆସିଛି), ଭୈରବଚକ୍ର (ଡାମାଡ଼ ସ୍ୱର), ରସଲଡା (ଓଡ଼ଶୀ ସ୍ୱର), ରଙ୍ଗିଆ କୃଷ୍ଣ, କଣ୍ଡାର୍ଜ୍ଜୁନ, ଟିକାଏଡ ବାହାଦୂର, ମାନଭଞ୍ଜନ, ଗର୍ବଗଞ୍ଜନ, ଜଣୀଅ ମିଳନ, ମଧୁର ମିଳନ, ମାସ୍ତାଣବଣ୍ଡ, ମାଲାଦ୍ଧ୍ର ବଳେ, ମଧୁବାଂଶଣ୍ଡ, ଗ୍ୱାଲ ଗ୍ୱାଳା ଇତ୍ୟାଦି ।

ଛଉ ଗୀତଗୁଡ଼ିକ ପ୍ରାୟତଃ ଝୁମର, ଖଟିଆଲ ଓ ଓଡ଼ଶୀ ସ୍ୱରରେ ରଚିତ । ସମୟେ ସମୟେ ବଙ୍ଗଳା ବା ବଙ୍ଗଳାମିଶା ଓଡ଼ିଆ ଗୀତ ଛଉନୃତ୍ୟ ସମୟରେ ବୋଲାହୁଏ । ଏହା ହୁଏତ ଓଡ଼ିଶାର ଉତ୍ତରପୂର୍ବ ସୀମାନ୍ତ ଅଞ୍ଚଳରେ ପ୍ରଚଳିତ ଲୋକସଙ୍ଗୀତର ପ୍ରଭାବ ।

ପୂର୍ବେ ଛଉନୃତ୍ୟରେ ଫୁଲଖଡ଼ି ଓ କାଉମାଟି (Yellow Colour) ମୁଖ ଓ ଦେହ ରଙ୍ଗ କରିବାରେ ବ୍ୟବହୃତ ହେଉଥିଲା । ପରେ ଆଧୁନିକ ଅଙ୍ଗ-ରାଗର ପ୍ରଚଳନ ହେଲା । ସମର ନୃତ୍ୟରେ କିନ୍ତୁ ଫୁଲଖଡ଼ି ଓ କାଉମାଟି ବ୍ୟବ-ହାର କରିବାର ବିଧି ଏଯାଏ ପ୍ରଚଳିତ ଅଛି । ଛଉନୃତ୍ୟରେ ବିଭିନ୍ନ ଚରିତ୍ର ଉପଯୋଗୀ ପୋଷାକପତ୍ର ଖାଣ୍ଟି ଦେଶୀୟ ରୀତିରେ ତିଆରି । କାଳକ୍ରମେ ବିଷୟ-ବସ୍ତୁ ସମ୍ବଳିତ ନୃତ୍ୟଗୁଡ଼ିକର ବେଶଭୂଷା ମଧ୍ୟ ମାର୍ଜିତ ଓ ଉନ୍ନତ ରୁଚିସମ୍ପନ୍ନ । ଛଉନୃତ୍ୟର ପୋଷାକ ସବୁ ସାଧାରଣତଃ ମୂଲ୍ୟବାନ୍ ଭେଲ୍‌ଭେଟ୍‌ରେ ତିଆରି ଓ ଏଥିରେ ସୁନେଲି ଓ ରୁପେଲି ଜରିର କାରୁକାର୍ଯ୍ୟ ହୋଇଥାଏ । ନୃତ୍ୟ ସମୟରେ ଉଜ୍ଜ୍ୱଳ ଆଲୋକରେ ଚକ୍‌ଚକ୍ କରି ଏହି ପୋଷାକଗୁଡ଼ିକ ନୃତ୍ୟର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ବୃଦ୍ଧି କରେ । ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଅଭିନୟକୁ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ଏହି ଚାରିଭାଗରେ ବିଭକ୍ତ କରାଯାଇଛି । ନଟର ରୂପସଜ୍ଜା ଓ ପୋଷାକପତ୍ର ଅଭିନୟରେ ସାହାଯ୍ୟ କରୁଥିବାରୁ ଏହାକୁ ଆହାର୍ଯ୍ୟ ଅଭିନୟ କୁହାଯାଏ । ଛଉନୃତ୍ୟର ଏହି ବିଭାଗ ସମ୍ୟକଭାବେ ଉନ୍ନତ ।

Digitized by srujanika@gmail.com

ଛଉନୃତ୍ୟର ଶାସ୍ତ୍ରୀୟ ଭିତ୍ତି

ଭରତଙ୍କ ନାଟ୍ୟଶାସ୍ତ୍ର ବିଭିନ୍ନ ଭାରତୀୟ ଶାସ୍ତ୍ରୀୟ ନୃତ୍ୟଗୁଡ଼ିକର ମୂଳଭିତ୍ତି । ବିଭିନ୍ନ ଭାବ (Mood) ଓ ରସ (Sentiment)ର ପ୍ରକାଶ ନିମିତ୍ତ ହସ୍ତ, ପଦ, ଗ୍ରୀବା, ଚକ୍ଷୁ, ଭ୍ରୂ ଇତ୍ୟାଦି ଅଙ୍ଗ ପ୍ରତ୍ୟଙ୍ଗର ବହୁବିଧ ମୁଦ୍ରା ଓ ପ୍ରକାଶଭଙ୍ଗୀର ଉଲ୍ଲେଖ ଏଥିରେ ଅଛି । ମୟୂରଭଞ୍ଜ ଛଉନୃତ୍ୟର ଭାବାଭିନୟ ଓ ମୁଦ୍ରାଭିନୟ ପ୍ରଦର୍ଶନ କାଳରେ ଶିଳ୍ପୀଗଣ ନାଟ୍ୟଶାସ୍ତ୍ର ତଥା 'ଅଭିନୟ ଦର୍ପଣ'ରେ ବର୍ଣ୍ଣିତ ନିୟମାବଳୀକୁ ଅନୁସରଣ କରିଥାଆନ୍ତି ।

ଷଢ଼େଇକଳା ଛଉନୃତ୍ୟରେ ମୁଖା ବ୍ୟବହାର କରାଯାଉଥିବାରୁ ମୁଖର ଅଭିନୟ ପ୍ରଦର୍ଶନ ସମ୍ଭବ ହୁଏନାହିଁ । ମୟୂରଭଞ୍ଜ ଛଉରେ ମୁଖା ବ୍ୟବହାର କରାଯାଏନାହିଁ ସତ; କିନ୍ତୁ ଏଥିରେ ମଧ୍ୟ ମୁଖାଭିନୟ ଅତି ଗୌଣ । ମୟୂରଭଞ୍ଜ ଛଉରେ ନୃତ୍ୟକାରୀର ହାତ ଦୁଇଟି ଖଣ୍ଡା ଓ ଢାଲ ଧରିବା ଭଙ୍ଗୀରେ ରହୁଥିବା ବିଷୟ ପୂର୍ବରୁ ଉଲ୍ଲେଖ କରାଯାଇଛି । ଏଥିଯୋଗୁଁ ଅନ୍ୟାନ୍ୟ ଭାରତୀୟ ନୃତ୍ୟପରି ଏଥିରେ ସବୁ ସମୟରେ ହସ୍ତମୁଦ୍ରା ପ୍ରଦର୍ଶନ ମଧ୍ୟ ସମ୍ଭବ ହୁଏନାହିଁ । ଏହିସବୁ କାରଣରୁ ଛଉନୃତ୍ୟର ଶୈଳୀ ବା ଟେକ୍‌ନିକ୍ ଏକ ସ୍ୱତନ୍ତ୍ର ଭାବରେ ଗଢ଼ିଉଠିଛି । ଏହି ନୃତ୍ୟରେ ଭାବପ୍ରକାଶ ପାଇଁ ପଦ ଓ ଅଙ୍ଗ ଚାଳନା ହିଁ ମୁଖ୍ୟ ଅଂଶ ଗ୍ରହଣ କରେ । ଏଥିଯୋଗୁଁ ଅନ୍ୟାନ୍ୟ ଭାରତୀୟ ନୃତ୍ୟ ଅପେକ୍ଷା ଛଉନୃତ୍ୟର ପଦ ଓ ଅଙ୍ଗଚାଳନା ଶୈଳୀ ଅଧିକ ଉନ୍ନତ । ଯେ କୌଣସି ଦର୍ଶକଙ୍କୁ ଛଉନୃତ୍ୟର ଏହି ବୈଶିଷ୍ଟ୍ୟହିଁ ପ୍ରଥମେ ଆକର୍ଷଣ କରେ । ଦେଶବିଦେଶରେ ନୃତ୍ୟବିଶାରଦମାନେ ଛଉର ପଦଚାଳନା ଶୈଳୀ ଓ ଅଙ୍ଗଭଙ୍ଗୀକୁ ବିଶେଷଭାବେ ତାରିଫ୍ କରିଛନ୍ତି ।

ଛଉନୃତ୍ୟର ବିଭିନ୍ନ 'ଟପ୍‌କା', ଉଫିଲ, ଘୂର୍ଣ୍ଣନ ଓ ଅନ୍ୟାନ୍ୟ ଅଳଙ୍କାର, ମୁଖ୍ୟତଃ ପଦ ଓ ଶରୀର ଚାଳନା ପାଇଁ ଉଦ୍ଦିଷ୍ଟ । ନୃତ୍ୟର ଆବଶ୍ୟକତାନୁଯାୟୀ ଛଉ-ଓସ୍ତାଦମାନେ ପାରମ୍ପରିକ ଭିତ୍ତିରେ ଏ ସମସ୍ତ ଅଳଙ୍କାର ରଚନା କରନ୍ତି । ଛଉନୃତ୍ୟର ବ୍ୟବହୃତ ଭଙ୍ଗୀ ସହିତ ଶାସ୍ତ୍ରବର୍ଣ୍ଣିତ କେତେକ ଭଙ୍ଗୀର ସାମଞ୍ଜସ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ ଛଉରେ ଯେଉଁ ଉଫିଲକୁ ଧନୁଭଙ୍ଗ ଚିହ୍ନା କହନ୍ତି, ନାଟ୍ୟଶାସ୍ତ୍ରରେ ତାହା 'ଲଲାଟତିଳକମ୍' ନାମରେ ନାମିତ, ଛଉର ହରିଣଡ଼ିଆଁକୁ ନାଟ୍ୟଶାସ୍ତ୍ରରେ ହରିଣପ୍ଲୁତ ବୋଲି କୁହାଯାଇଛି । ମୟୂରଭଞ୍ଜ କିମ୍ବା ଷଢ଼େଇ-କଳାରେ ଛଉନୃତ୍ୟର ଶାସ୍ତ୍ରୀୟ ଭିତ୍ତି ସମ୍ପର୍କରେ କୌଣସି ଗବେଷଣା କରାଯାଇ

Digitized by srujanika@gmail.com

ନଥିବାରୁ ଏହି ନୃତ୍ୟର ଟେକ୍‌ନିକ୍ ଉପରେ ଶାସ୍ତ୍ରୀୟ ପ୍ରଭାବ କେତେଦୂର ପଡ଼ିଛି କହିବା ସମ୍ଭବ ନୁହେଁ ।

ନାଟ୍ୟଶାସ୍ତ୍ରରେ ତାଣ୍ଡବ ଓ ଲାସ୍ୟ ଉଭୟ ଶୈଳୀକୁ ପ୍ରାଧାନ୍ୟ ଦିଆଯାଇଛି । ଛଉନୃତ୍ୟ ମୂଳତଃ ଏକ ବୀରତ୍ୱବ୍ୟଞ୍ଜକ ନୃତ୍ୟ ହେଲେହେଁ ଏଥିରେ ଲାସ୍ୟଶୈଳୀର ପ୍ରାଧାନ୍ୟ କମ୍ ନୁହେଁ । ମୟୂରଭଞ୍ଜରେ ତାଣ୍ଡବ ଶୈଳୀକୁ 'ହାତିଆରଧରା' ଓ ଲାସ୍ୟଶୈଳୀକୁ 'କଲଭଙ୍ଗା' କହନ୍ତି । ଛଉନୃତ୍ୟର ତାଳ ରଚନା କଲାବେଳେ ମଧ୍ୟ ଓସ୍ତାଦ୍‌ମାନେ ଏହି ଦୁଇ ଶୈଳୀର ଅବଲମ୍ବନରେ ତାଳ ରଚନା କରନ୍ତି । କେବଳ ମୁକ୍ତ ରଙ୍ଗମଞ୍ଚର ଉପଯୋଗୀ କରିବା ପାଇଁ ଓ ଢୋଲ, ମହୁରୀ ପ୍ରଭୃତି ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜିବା ପାଇଁ ଛଉ-ଓସ୍ତାଦ୍‌ମାନେ ସେଗୁଡ଼ିକୁ ନୂଆ ଗ୍ରନ୍ଥିରେ ପକାଇଥା'ନ୍ତି । ନାଟ୍ୟ ସୂତ୍ରର ନିୟମାନୁଯାୟୀ ତାଳକୁ ମନ୍ଥର, ମଧ୍ୟମ ଓ ଦ୍ରୁତପଦ—ଏହି ତିନି ଭାଗରେ ବିଭକ୍ତ କରି ଛଉତାଳ ରଚନା କରାଯାଏ । ଛଉ-ନୃତ୍ୟର ସାଜସଜ୍ଜା ଓ ପୋଷାକପରିକୁ ମଧ୍ୟ ଖାଣ୍ଟି ଦେଶୀୟ ରଖାଯାଇଛି ।

ଭାରତର ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟପରି ନାରୀମାନେ କିନ୍ତୁ ଛଉନୃତ୍ୟରେ ଅଂଶ ଗ୍ରହଣ କରନ୍ତି ନାହିଁ । ୧୯୩୮ ସାଲରେ ସରେଇକଲା ଛଉନୃତ୍ୟ ଦଳ ଇଉରୋପରେ ନୃତ୍ୟ ପ୍ରଦର୍ଶନ କରିବାକୁ ଗଲାବେଳେ ଦୁଇ-ତିନିଜଣ ନର୍ତ୍ତକୀ ସଙ୍ଗରେ ନେଇଥିଲେ ଅବଶ୍ୟ; କିନ୍ତୁ ସରେଇକଲା ଛଉନୃତ୍ୟରେ ମଧ୍ୟ ସ୍ତ୍ରୀଲୋକ-ମାନେ ଅଂଶ ଗ୍ରହଣ କରିବାର ପରମ୍ପରା ନାହିଁ ।

●

Digitized by srujanika@gmail.com

ଛଉନୃତ୍ୟରେ ଲୋକ ସଂସ୍କୃତିର ପ୍ରଭାବ

ମୟୂରଭଞ୍ଜ ପ୍ରଭୃତି ଓଡ଼ିଶାର ଉତ୍ତର ପୂର୍ବାଞ୍ଚଳ ଘନ ବନ ପର୍ବତ ଦ୍ୱାରା ଆଚ୍ଛାଦିତ । କୋହ୍ଲ, ସାନ୍ତାଳ, ଭୂମିଜ ପ୍ରଭୃତି ଆଦିମ ଅଧିବାସୀମାନେ ବହୁ ସଂଖ୍ୟାରେ ଏହି ଅଞ୍ଚଳରେ ବାସ କରନ୍ତି । ନଭଶ୍ଚୁମ୍ବି ମେଘାସନ ପର୍ବତମାଳାର ଅପୂର୍ବ ଶୋଭା-ସମ୍ଭାର, ଘନଶାଳ-ବନର ଶ୍ୟାମାୟମାନ ମାଧୁରୀ, ଶ୍ୱାପଦସଙ୍କୁଳ ଦୁର୍ଗମ ଗିରିପଥ, ପାର୍ବତ୍ୟ ନଦୀ ନିର୍ଝରମାନଙ୍କର କୁଳୁକୁଳୁ ଧ୍ୱନି, କେକା-କେକୀଙ୍କର ସୁମଧୁର ନିକ୍ୱଣ ଏହି ଦିଗନ୍ତବ୍ୟାପୀ ବନଭୂମିକୁ ଦିବ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭୂଷିତ କରିଛି । ପ୍ରକୃତି କୋଳରେ ଲାଳିତ-ପାଳିତ ଆଦିମ ଅଧିବାସୀଙ୍କର ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ଓ ବାଦ୍ୟ ଧ୍ୱନିରେ ଏହି ଅଞ୍ଚଳର ବଣଭୂମି ସଦା ମୁଖରିତ । ମୟୂରଭଞ୍ଜ ଓ ସିଂହଭୂମି ପ୍ରଭୃତି ଅଞ୍ଚଳ ବହୁବର୍ଷ ଧରି ଅନ୍ୟାନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ରହି ନିଜର ସ୍ୱାଧୀନ ସଂସ୍କୃତି ବଜାୟ ରଖି ପାରିଥିଲା । ଏହି ଅଞ୍ଚଳର ଏକ ବିଶିଷ୍ଟ କଳାଭାବେ ବିକାଶଲାଭ କରିଥିବା ଛଉନୃତ୍ୟ ଉପରେ ଆଦିବାସୀ ସଂସ୍କୃତି ଓ ଆରଣ୍ୟ ପ୍ରକୃତିର ପ୍ରଭାବ ପଡ଼ିବା ଅତି ସ୍ୱାଭାବିକ । ଛଉନୃତ୍ୟର ବାଦ୍ୟ, ସଙ୍ଗୀତ, ନୃତ୍ୟ, ଅଭିନୟଭଙ୍ଗୀ, ବିଷୟବସ୍ତୁ ରଚନା, ଏପରିକି ପୋଷାକ ପରିଚ୍ଛଦରେ ମଧ୍ୟ ଏହି ସ୍ଥାନୀୟ ଲୋକ ସଂସ୍କୃତିର ପ୍ରଭାବ କେତେକାଂଶରେ ଦେଖିବାକୁ ମିଳେ । ମୟୂରଭଞ୍ଜ ଗ୍ରୁପ୍ ନୃତ୍ୟରେ ଶ୍ରେଣୀବଦ୍ଧ ହୋଇ ହାତ ଛନ୍ଦାଛନ୍ଦି ହୋଇ ନାଚିବା ସାନ୍ତାଳି ଗ୍ରୁପ୍ ନୃତ୍ୟର ଏକ ଅନୁକୃତି ବୋଲି ମନେହୁଏ । ସେହିପରି 'ନାଟ୍‌କି'ର ସ୍ୱର ଓ ତାଳ ସ୍ଥାନୀୟ ଲୋକ ସଙ୍ଗୀତରୁ ଗୃହୀତ । ଶିକାରୀନୃତ୍ୟ ଛଉର ଏକ ଅତି ଲୋକପ୍ରିୟ ନୃତ୍ୟ ଏବଂ ଏହା ସ୍ଥାନୀୟ ବନ୍ୟ-ଅଧିବାସୀଙ୍କ ଜୀବନଯାପନ ପ୍ରଣାଳୀରୁ ଆହୃତ । ମୟୂର ନୃତ୍ୟ, ହଂସନୃତ୍ୟ, ଭଲ୍ଲୁକନୃତ୍ୟ (ଜମ୍ବୁଦେବ), କୁରଙ୍ଗନୃତ୍ୟ ଓ ପ୍ରଜାପତି ନୃତ୍ୟ ପ୍ରଭୃତି ନୃତ୍ୟ-କଳା ମାଧ୍ୟମରେ ବିଭକ୍ତ ବନ୍ୟମାଧୁରୀର ଏକ ଏକ ଅପରୂପ ପ୍ରକାଶ । ଏହିପରି ଭାବେ ଦେଖିବାକୁ ଗଲେ ଆଞ୍ଚଳିକ ଲୋକ ସଂସ୍କୃତି ଓ ଆରଣ୍ୟ ପ୍ରକୃତି ଉଭୟ ମୟୂରଭଞ୍ଜ ଓ ସରେଇକଳାର ଛଉନୃତ୍ୟକୁ ନାନାଭାବେ ପ୍ରଭାବିତ କରିଛି । ଶାସ୍ତ୍ରୀୟ ରୀତି ଓ ଲୋକ-ସଂସ୍କୃତିର ସମ୍ମିଶ୍ରଣରେ ଛଉପରି ଉଚ୍ଚକୋଟୀର ଏକ ନୃତ୍ୟକଳା ସମୃଦ୍ଧ ଓ ପୁଷ୍ଟ ହୋଇଛି । ଏ ସମ୍ପର୍କରେ ସରେଇକଳାର ଟିକାଏତ

Digitized by srujanika@gmail.com

ସାହେବ ଶ୍ରୀ ନୃପେନ୍ଦ୍ର ନାରାୟଣ ସିଂହଦେଓଙ୍କର ଏକ ଅଭିମତ ଏଠାରେ ଉଲ୍ଲେଖ କରାଯାଇପାରେ—

"The Chhow dance has been nurtured under an atmosphere of independence, undisturbed by outSide influence. The seven hundred Saranda Hills and the hills of Bangriposi have given as much protection to the country against foreign inroads as against any cultural conquests. Singhabhumi and Bhanjabhumi have remained unquered for centuries both politically and culturally, Based on the principles of Bharatas Natya Sutra it has assimilated into itself the Orissa style of Gotipo dancing and to some extent the folkdances of numerous tribes that inhabit the land. The product has been an unique art of dancing one of the classics of India, like the kathakalı, the kathak, the Manipuri or Bharat Natyam. (୪)

ଭାରତର ବିଭିନ୍ନ ପ୍ରାନ୍ତରେ ବିକାଶଲାଭ କରିଥିବା ଉନ୍ନତ ଶାସ୍ତ୍ରୀୟ ନୃତ୍ୟ ଗୁଡ଼ିକ କ୍ରମେ ଲୋକନୃତ୍ୟ (Folk dance) ସ୍ତରରୁ ବିକାଶଲାଭ କରି ବର୍ତ୍ତମାନ ସ୍ତରକୁ ଆସିଥିବା କଥା ନୃତ୍ୟବିଶାରଦମାନେ କହନ୍ତି । ଏହି ଲୋକନୃତ୍ୟଗୁଡ଼ିକ ଆଞ୍ଚଳିକ ଲୋକସାଂସ୍କୃତି ଓ ପରିବେଷ୍ଟନୀରୁ ସିଧାସଳଖ ଉଦ୍ଭୂତ ଏବଂ ଏହାର ପ୍ରାଣପ୍ରାଚୁର୍ଯ୍ୟ ଓ ସ୍ୱାତନ୍ତ୍ର୍ୟ ପରବର୍ତ୍ତୀ କାଳରେ ମାର୍ଜିତ ଶାସ୍ତ୍ରୀୟ ନୃତ୍ୟଭାବେ ବିକାଶଲାଭ କରିଥିବା ନୃତ୍ୟଗୁଡ଼ିକୁ ସେମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି । ଗଣନୃତ୍ୟ ସମ୍ବନ୍ଧରେ ଲେଖିବାକୁ ଯାଇ ଜଣେ ନୃତ୍ୟ ସମାଲୋଚକ ଉଲ୍ଲେଖ କରି ଯାଇଛନ୍ତି—

"In some ways one my even say that the folk-dances are of an even greater significance in that they

---

(୪) "Singhbhum, Seraikella and Kharaswan through the ages—" by Tikayet Nrupendra Narayan Singh Deo, B· A·, B L, with a forward by Dr. Radha-kumud Mukherjee

Digitized by srujanika@gmail.com

are direct and unsophisticated expression of the inner-most spirit of India· .... In India, owing to the diversity of the climate and topography, characteristic peculiarities are evinced in individual Indian dances.” (*)

ଆଜିକାଲି ଛଉନୃତ୍ୟକୁ ଏକ ପାରମ୍ପରିକ ନୃତ୍ୟ ବୋଲି ବୁଝାଯାଉ-ଥିଲେହେଁ ଏହାର ସ୍ୱାତନ୍ତ୍ର୍ୟ, ଐତିହ୍ୟ ଓ ପରିବେଷଣୀକୁ ଭୁଲିଗଲେ ଚଳିବ ନାହିଁ । ସମସ୍ତ ଆଧୁନିକତା ଓ ଶାସ୍ତ୍ରୀୟତା ଭିତରେ ବି ପରମ୍ପରା ଓ ଆଞ୍ଚଳିକ ଲୋକସଂସ୍କୃତି ଏହାର ପ୍ରାଣକେନ୍ଦ୍ର ରୂପେ ରହିଆସିଛି ।

●

(*) Folk-Dance of India – by Projesh Banerjee.

Digitized by srujanika@gmail.com

ଗଡ଼ଜାତ ମିଶ୍ରଣ ଓ ମୟୂରଭଞ୍ଜ ଛଉନୃତ୍ୟରେ ବର୍ତ୍ତମାନ ଅବସ୍ଥା

ମୟୂରଭଞ୍ଜ ଓ ସରେଇକଲା ବ୍ୟତୀତ ନୀଳଗିରି, କେଉଁଝର ଓ ଢେଙ୍କାନାଳ ପ୍ରଭୃତି ଓଡ଼ିଶାର ଗଡଜାତମାନଙ୍କରେ ମଧ୍ୟ ଛଉନୃତ୍ୟ ଚର୍ଚ୍ଚା ହେଉଥିଲା। ମୟୂରଭଞ୍ଜର ସ୍ୱନାମଧନ୍ୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସାନଭାଇ ଜ୍ୟେଷ୍ଠରାସ୍ତ ସାହେବ ଶ୍ରୀ ଶ୍ୟାମଚନ୍ଦ୍ର ଭଞ୍ଜଦେଓ ନୀଳଗିରି ରାଜଗାଦିରେ ବସିବା ପରେ ମୟୂରଭଞ୍ଜରୁ ଜନାର୍ଦ୍ଦନ ଭଞ୍ଜ ଓ ଦଶରଥନାଥ ପଣ୍ଡା ନାମକ ଦୁଇଜଣ ଛଉ-ଓସ୍ତାଦଙ୍କୁ ନେଇ ନୀଳଗିରିରେ ଛଉନୃତ୍ୟ ଆରମ୍ଭ କରିଥିଲେ ଏବଂ ତାଙ୍କ ସମୟରେ ନୀଳଗିରି ଛଉନୃତ୍ୟ ବିଶେଷ ଉନ୍ନତିଲାଭ କରିଥିଲା। ଏହି ଛଉନୃତ୍ୟ ଦଳଗୁଡ଼ିକ ରାଜା-ମହାରାଜାଙ୍କ ପୃଷ୍ଠ-ପୋଷକତା ଲାଭ କରି ସେମାନଙ୍କ ବ୍ୟକ୍ତିଗତ ସମ୍ପତ୍ତି ରୂପେ ରହିଥିଲେ। କେବଳ ଚଇତପର୍ବ ସମୟରେ ଜନସାଧାରଣ ଛଉନୃତ୍ୟ ଦେଖିବାର ସୁବିଧା ପାଉଥିଲେ, ଏହା ବ୍ୟତୀତ ଛଉନୃତ୍ୟ ସହିତ ସେମାନଙ୍କର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା। ମୟୂରଭଞ୍ଜରେ ରାଜସରକାର ଛଉନୃତ୍ୟକାରୀ ଓ ଓସ୍ତାଦମାନଙ୍କର ଭରଣ-ପୋଷଣ ଦାୟିତ୍ୱ ଅନେକାଂଶ ଗ୍ରହଣ କରିଥିଲେ ଏବଂ ରାଜଅନୁଗ୍ରହରୁ ନୃତ୍ୟ ବ୍ୟତୀତ ଅନ୍ୟ ବିଷୟ ଚିନ୍ତା କରିବା ସେମାନଙ୍କର ଦରକାର ପଡୁ ନଥିଲା। ଛଉ ନୃତ୍ୟର ମୂଲ୍ୟବାନ ପୋଷାକପତ୍ର, ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ରାଜକୋଷରୁ କ୍ରୟ କରାଯାଉଥିଲା। ସର୍ବୋପରି ମହାରାଜାଙ୍କର କଳାପ୍ରିୟତା ଓ ବ୍ୟକ୍ତିଗତ ପ୍ରେରଣା ଏବଂ ଉତ୍ସାହ ମୟୂରଭଞ୍ଜ ଛଉ-ଅନୁଷ୍ଠାନକୁ ସଦା ସକ୍ରିୟ କରି ରଖିଥିଲା।

ମୟୂରଭଞ୍ଜ ରାଜ୍ୟ ଓଡ଼ିଶାରେ ମିଶିଗଲା ପରେ ମୟୂରଭଞ୍ଜ ଛଉଦଳ ଅବସ୍ଥାର ଘୋର ପରିବର୍ତ୍ତନ ଘଟିଛି। ସ୍ୱହସ୍ତପାଳିତ ଧଳାହାତୀଟିକୁ ନିଜ ଭାଗ୍ୟ ଉପରେ ଛାଡ଼ିଦେଇ ମୟୂରଭଞ୍ଜ ମହାରାଜା ରାଜ୍ୟ ତ୍ୟାଗ କଲେ। ରାଜଦରବାରର ପୃଷ୍ଠପୋଷକତା ହରାଇ ଛଉନୃତ୍ୟଦଳ ଏକ ପ୍ରକାର ନିଷ୍କ୍ରିୟ ଓ ନିର୍ଜୀବ ହୋଇ ପଡିଲା। ଛଉନୃତ୍ୟ ଏକ ବ୍ୟୟସାପେକ୍ଷ ବ୍ୟାପାର। ଏଥିରେ ନର୍ତ୍ତକ, ବାଦ୍ୟକାର, ଓସ୍ତାଦ ପ୍ରଭୃତିଙ୍କୁ ମିଶାଇ ଖୁବ୍ କମରେ ତିରିଶ ଚାଳିଶ ଲୋକ ଦରକାର। ଏମାନଙ୍କର ଅନୁସଂସ୍ଥାନ କରିବା ଏକ ଗୁରୁତର ସମସ୍ୟା ହୋଇ ଉଠିଲା। ମହାରାଜାଙ୍କ ବ୍ୟକ୍ତିଗତ ସମ୍ପତ୍ତି ଥାଇ ଛଉନୃତ୍ୟ ଏକ ପ୍ରକାର ରାଜପ୍ରାସାଦର

Digitized by srujanika@gmail.com

ଚତୁଃସୀମା ମଧ୍ୟରେ ଆବଦ୍ଧ ଥିଲା । ଗଡ଼ଜାତ ମିଶ୍ରଣ ପରେ ଛଉନୃତ୍ୟର ଏହି ସଙ୍କଟ ସମୟରେ ନୃତ୍ୟ ପ୍ରତି ଗଭୀର ଶ୍ରଦ୍ଧା ସତ୍ତ୍ୱେ ଜନସାଧାରଣ ଏକପ୍ରକାର ଦୂରେଇ ରହିଲେ । ଛଉନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ଓଡ଼ିଶା ସରକାର ଏହି ନୃତ୍ୟ ଅନୁଷ୍ଠାନକୁ ଶିକ୍ଷାବିଭାଗ ଅଧୀନରେ ସ୍ଥାନୀୟ ଜିଲ୍ଲା ସ୍କୁଲ ଇନସପେକ୍ଟରଙ୍କ ତତ୍ତ୍ୱାବଧାନରେ ରଖି ବାର୍ଷିକ କିଛି କିଛି ଅର୍ଥ ସାହାଯ୍ୟ ଦେଲେ; କିନ୍ତୁ ଏହା ଦ୍ୱାରା ଛଉଅନୁଷ୍ଠାନର ସମସ୍ୟା ସମାଧାନ ହୋଇପାରିଲା ନାହିଁ । ଚିରଦିନ ରାଜ-ପୃଷ୍ଠପୋଷକତାରେ ପରିଚାଳିତ ଛଉନୃତ୍ୟଦଳ ସରକାରୀ କଳ ଅଧୀନକୁ ଆସି ଖାପଛଡ଼ା ବୋଧ କଲେ ଏବଂ ସେମାନଙ୍କ ମଧ୍ୟରେ ନାନା ବିଶୃଙ୍ଖଳା ଦେଖାଦେଲା । କୌଣସି ନୂତନ ଶିକ୍ଷାର୍ଥୀ ଛଉଦଳରେ ଯୋଗ ଦେବାକୁ ଆଗ୍ରହୀ ହେଲେ ନାହିଁ, ବରଂ ପୋଷିତ ପୁରୁଣା ନୃତ୍ୟକାରୀମାନଙ୍କ ମଧ୍ୟରୁ କେତେକ ନିଜର ଜୀବିକା ନିର୍ବାହ ନିମିତ୍ତ ମଟର କ୍ଲିନରଠାରୁ ଆରମ୍ଭ କରି ଅଫିସ ପିଅନ ବା କୃଷିକାର୍ଯ୍ୟରେ ଯୋଗଦେଲେ । ଏ ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ ଛଉନୃତ୍ୟ ଅନୁଷ୍ଠାନ ତିଷ୍ଠି ରହିଛି । କେତେକ କଳାପ୍ରିୟ ବ୍ୟକ୍ତିବିଶେଷ ଓ ନୃତ୍ୟଶିଳ୍ପୀଙ୍କ ଯତ୍ନରେ ମୟୂରଭଞ୍ଜ ଛଉ ନୃତ୍ୟଦଳ ଗତ କେତେବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରି ସୁନାମ ଅର୍ଜନ କରିଅଛନ୍ତି । ସରକାର ମଧ୍ୟ ଯଥାସମ୍ଭବ ସାହାଯ୍ୟ ଓ ସହାନୁଭୂତି ଦେବାରେ ତ୍ରୁଟି କରିନାହାନ୍ତି ।

ଶ୍ରୀଯୁକ୍ତ ରାଜଗୋପାଳାଚାରୀ ଭାରତର ବଡ଼ଲାଟ ଥିବା ସମୟରେ ପୁରୀ-ଠାରେ ତାଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଛଉନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ନୃତ୍ୟରେ ପ୍ରୀତ ହୋଇ ସେ ଛଉପ୍ରତିଷ୍ଠାନକୁ ଏକ ରୌପ୍ୟଫଳକ ଓ କେତେକ ବିଶିଷ୍ଟ ନର୍ତ୍ତକଙ୍କୁ ପଦକମାନ ଉପହାର ଦେଇଥିଲେ । ଓଡ଼ିଶାର ତତ୍କାଳୀନ ଲାଟ୍ ଆସଫ୍ ଅଲ୍ଲୀ ଏବଂ ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ମଧ୍ୟ ମୟୂରଭଞ୍ଜ ଛଉନୃତ୍ୟରେ ପ୍ରୀତ ହୋଇ ପୁରସ୍କାର ପ୍ରଦାନ ଦ୍ୱାରା ବହୁବାର ନୃତ୍ୟକାରୀମାନଙ୍କୁ ଉତ୍ସାହ ପ୍ରଦାନ କରିଅଛନ୍ତି । କିଛିବର୍ଷ ତଳେ କଟକଠାରେ ଅନୁଷ୍ଠିତ ନିଖିଳଭାରତ ବଙ୍ଗସାହିତ୍ୟ ସମ୍ମିଳନୀରେ ମୟୂରଭଞ୍ଜ ଛଉନୃତ୍ୟ ଏକ ମୁଖ୍ୟ ଅଂଶ ଗ୍ରହଣ କରିଥିଲା । ଭାରତର ସାଧାରଣତନ୍ତ୍ର ଦିବସରେ ମୟୂରଭଞ୍ଜ ଛଉନୃତ୍ୟ ଦିଲ୍ଲୀଠାରେ ପ୍ରଦର୍ଶିତ ହୋଇ ପ୍ରଶଂସାଭାଜନ ହୋଇଛି । ସରକାର ଓ ଜନସାଧାରଣଙ୍କ ସହଯୋଗରେ ଏବେ ମଧ୍ୟ ବାରିପଦାଠାରେ ପ୍ରତିବର୍ଷ ଚୈତ୍ରପର୍ବ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଛଉନୃତ୍ୟ ତିନିରାତି ଧରି ଜନ-ସାଧାରଣଙ୍କ ସମ୍ମୁଖରେ ପ୍ରଦର୍ଶିତ ହୁଏ; କିନ୍ତୁ ଏସବୁ ସତ୍ତ୍ୱେ ଛଉନୃତ୍ୟର ମାନ ଦିନକୁ ଦିନ କମିଗଲା ପରି ଲାଗୁଛି । ନୃତ୍ୟକାରୀମାନଙ୍କର ପୂର୍ବର ସାଧନା ଓ ନୃତ୍ୟ ପ୍ରତି ଅନୁରକ୍ତି ମଧ୍ୟ କ୍ରମେ ଶିଥିଳ ହୋଇ ଆସୁଛି । ପୂର୍ବାପର ପ୍ରତିବର୍ଷ ଆଉ ନୂଆ

Digitized by srujanika@gmail.com

ନୂଆ ନୃତ୍ୟରଚନା ଆଉ ହେଉନାହିଁ କିମ୍ବା ନୃତ୍ୟକାରମାନେ ଆବଶ୍ୟକୀୟ ନୃତ୍ୟାଭ୍ୟାସ ଆଉ କରୁନାହାନ୍ତି । ଛଉନୃତ୍ୟର ପୋଷାକପତ୍ର ଓ ସାଜସଜ୍ଜାର ସେ ପୂର୍ବ ଆଡ଼ମ୍ବର ବା ଚାକଚକ୍ୟ ମଧ୍ୟ ବହୁତ କମିଯାଇଛି । ଉଭୟ ମାନସିକ ଓ ଆର୍ଥିକ ଦାରିଦ୍ର୍ୟ ମୟୂରଭଞ୍ଜ ଛଉନୃତ୍ୟ ସମକ୍ଷରେ ଏକ ବିରାଟ ସମସ୍ୟା ରୂପେ ଦଣ୍ଡାୟମାନ ।

ନୀଳଗିରି, କେଉଁଝର ଓ ଢେଙ୍କାନାଳ ଛଉନୃତ୍ୟ ବିଷୟରେ ଆଉ କିଛି ଶୁଣିବାକୁ ମିଳେନାହିଁ । ଗଡ଼ଜାତ ମିଶ୍ରଣ ପରେ ସେସବୁ ସ୍ଥାନରେ ମଧ୍ୟ ଛଉନୃତ୍ୟର ଅବନତି ଘଟିଛି କିମ୍ବା ନୃତ୍ୟଚର୍ଚ୍ଚା ଏକାବେଳକେ ବନ୍ଦ ହୋଇଯାଇଛି ।

Digitized by srujanika@gmail.com

ଛଉନୃତ୍ୟର ଭବିଷ୍ୟତ

ଗଡ଼ଜାତ ମିଶ୍ରଣ ପରେ ଛଉନୃତ୍ୟର ଭବିଷ୍ୟତ ସରକାରଙ୍କର ପୃଷ୍ଠ-ପୋଷକତା ଓ ଜନସାଧାରଣଙ୍କର ସହଯୋଗ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି । ମୟୂରଭଞ୍ଜ ରାଜବଂଶର ପୃଷ୍ଠପୋଷକତାରେ ଛଉନୃତ୍ୟ ବିକାଶଲାଭ କରିଛି ସତ, କିନ୍ତୁ ରାଜପ୍ରାସାଦର ସୀମା ଭିତରେ ଆବଦ୍ଧ ରହିବା ଦ୍ୱାରା ବାହାର ଲୋକେ ଛଉନୃତ୍ୟ ସମ୍ବନ୍ଧରେ ବିଶେଷ କିଛି ଜାଣନ୍ତି ନାହିଁ । ଚଇତପର୍ବ ସମୟରେ କେବଳ ସ୍ଥାନୀୟ ଜନସାଧାରଣ ଏହି ନୃତ୍ୟ ଦେଖିବାର ସୁଯୋଗ ପାଇଥାନ୍ତି । ମହାରାଜା-ଙ୍କର ଅକୁଣ୍ଠିତ ସାହାଯ୍ୟ ଓ ସହାନୁଭୂତି ଲାଭକରି ଏହି ନୃତ୍ୟ ଏକ ଆଡ଼ମ୍ବରପୂର୍ଣ୍ଣ ଓ ବ୍ୟୟସାପେକ୍ଷ ଅନୁଷ୍ଠାନ ଭାବେ ଗଢ଼ିଉଠିଛି ଏବଂ ଏଥିପାଇଁ ବହୁଲୋକ ଓ ବହୁ ଉପକରଣର ପ୍ରୟୋଜନ ହୁଏ । ଏହିସବୁ କାରଣରୁ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଛଉନୃତ୍ୟକୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ନୃତ୍ୟର ଭବିଷ୍ୟତ ଉନ୍ନତି ଓ ଲୋକପ୍ରିୟତା ପାଇଁ କେତେଗୁଡ଼ିଏ ବ୍ୟବସ୍ଥା ଅନିବାର୍ଯ୍ୟ ମନେହୁଏ ।

ପ୍ରଥମତଃ ଛଉନୃତ୍ୟର ମୌଳିକ ଟେକ୍‌ନିକ୍, ତାଲ, ବାଦ୍ୟ ପୋଷାକପରି ଇତ୍ୟାଦି ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରି ଏକ ପ୍ରାମାଣ୍ୟ ପୁସ୍ତକ ରଚନା କରିବାକୁ ହେବ । ଏ ସମ୍ବନ୍ଧରେ ଲିଖିତାକାରରେ କିଛିନାହିଁ । ଛଉ ଓସ୍ତାଦମାନଙ୍କ ଦ୍ୱାରା ପରମ୍ପରାକ୍ରମେ ନୃତ୍ୟଶିକ୍ଷାର୍ଥୀମାନଙ୍କୁ କେବଳ ଶିକ୍ଷା ଦିଆଯାଏ । ଓସ୍ତାଦ-ମାନଙ୍କ ମଧ୍ୟରୁ କେତେକ ବୃଦ୍ଧ ହୋଇଗଲେଣି । ସେମାନଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ କେତେକ ମୌଳିକ ଛଉ ଟେକ୍‌ନିକ୍ ହୁଏତ ଲୋପ ପାଇଯାଇପାରେ । ଛଉନୃତ୍ୟ ସମ୍ବନ୍ଧରେ ଏକ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରକାଶ ପାଇଲେ ଅନ୍ୟମାନେ ଏହି ନୃତ୍ୟ ସମ୍ବନ୍ଧରେ ଜାଣିବାକୁ ପାଇବେ ଏବଂ ଏହା ଦ୍ୱାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ଛଉନୃତ୍ୟର ପ୍ରସାର ମଧ୍ୟ ହେବ ।

ଦ୍ୱିତୀୟତଃ ଛଉନୃତ୍ୟର ମାନ ନକମାଇ ଏଥିରୁ କେତେଗୁଡ଼ିଏ ବାହ୍ୟ ଆଡମ୍ବର ବାଦ ଦିଆଯାଇପାରେ । ଏହାଦ୍ୱାରା ଖର୍ଚ୍ଚ କମ୍ ହେବ ଏବଂ କମ୍ ଲୋକଙ୍କ ଦରକାର ହେବେ । କେବଳ ଗୋଟିଏ ଯୋଡ଼ିଏ ଦଳରେ ସୀମାବଦ୍ଧ ରହିବାଦ୍ୱାରା ଛଉନୃତ୍ୟର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇ ପାରିବ ନାହିଁ । ସୌଖୀନ କଳାକାରମାନଙ୍କ ମଧ୍ୟରେ ମଧ୍ୟ ଏହାର ପ୍ରସାର ହେବା ଉଚିତ । ଏଥି-ପାଇଁ ଏକକ ଓ ଦ୍ୱୈତ ନୃତ୍ୟର ସଂଖ୍ୟା ବଢାଇବା ସଙ୍ଗେ ସଙ୍ଗେ ଛଉନୃତ୍ୟ ଯେପରି ସାଧାରଣ ରଙ୍ଗମଞ୍ଚରେ ପ୍ରଦର୍ଶନ କରାଯାଇ ପାରିବ ତାର ବ୍ୟବସ୍ଥା ମଧ୍ୟ କରିବାକୁ ହେବ । କେବଳ ବାଦ୍ୟଯନ୍ତ୍ରର ସାମାନ୍ୟ ପରିବର୍ତ୍ତନ ଦ୍ୱାରା ଏହା ସମ୍ଭବ

Digitized by srujanika@gmail.com

ହୋଇପାରିବ । ୧୯୫୩ ସାଲ ଡିସେମ୍ବର ମାସରେ ସରେଇକଳା ଛଉନୃତ୍ୟଦଳ କଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନୃତ୍ୟ ପ୍ରଦର୍ଶନ କରି ବିଶେଷ ସଫଳତା ଅର୍ଜନ କରିଥିଲେ । ଦେଶବିଦେଶର ବିଭିନ୍ନ ରଙ୍ଗମଞ୍ଚରେ ନୃତ୍ୟ ପ୍ରଦର୍ଶନ କରି ଏମାନେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ମୟୂରଭଞ୍ଜ ଛଉନୃତ୍ୟକୁ ଯେ, କାହିଁକି ସାଧାରଣ ରଙ୍ଗମଞ୍ଚ ଉପଯୋଗୀ କରିନ ଯାଇ ପାରିବ ଏହାର କୌଣସି କାରଣ ନାହିଁ । ଏଥିପାଇଁ କେବଳ ଆଗ୍ରହ ଓ ଚେଷ୍ଟା ଦରକାର । କଟକ ତଥା ଓଡ଼ିଶାର ଅନ୍ୟ ସ୍ଥାନମାନଙ୍କରେ ଥିବା ନର୍ତ୍ତକ ତଥା ନୃତ୍ୟବିଶାରଦମାନେ ଛଉନୃତ୍ୟ ପ୍ରତି ଉଦାସୀନ ନରହି ଏ ଦିଗରେ ଧ୍ୟାନ ଦେବା ଉଚିତ । ଭରତ ନାଟ୍ୟମ୍, କଥାକଲି, କଥକ, ମଣିପୁରୀ ଓ ଓଡ଼ିଶୀ ପ୍ରଭୃତି ପ୍ରତିଷ୍ଠିତ ନୃତ୍ୟଗୁଡ଼ିକ କେବଳ କେତେକ ଦଳ ମଧ୍ୟରେ ସୀମାବଦ୍ଧ ରହି ଲୋକପ୍ରିୟ ହୋଇନାହିଁ । ଉଭୟ ପେଶାଦାରୀ ଓ ସୌଖୀନ କଳାକାରଙ୍କ ମଧ୍ୟରେ ବହୁଳ ପ୍ରସାର ଏସବୁ ନୃତ୍ୟଗୁଡ଼ିକର ଲୋକ-ପ୍ରିୟତାର କାରଣ । ଛଉନୃତ୍ୟର ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏହି ପନ୍ଥା ଅନୁସରଣ କରିବାକୁ ହେବ । ଛଉନୃତ୍ୟର ମୌଳିକ ପରିବେଶ ବଜାୟ ରଖିବାପାଇଁ ବୃହତ୍ତ ନୃତ୍ୟଦଳଗୁଡ଼ିକ ମୁକ୍ତ ରଙ୍ଗମଞ୍ଚରେ ନୃତ୍ୟପ୍ରଦର୍ଶନ କରିପାରନ୍ତି; କିନ୍ତୁ ଏହି ନୃତ୍ୟର ବହୁଳ ପ୍ରସାର ନିମିତ୍ତ ସାଧାରଣ ରଙ୍ଗମଞ୍ଚ ଉପଯୋଗୀ ହେବାଭଳି ବ୍ୟବସ୍ଥା ମଧ୍ୟ ଗ୍ରହଣ କରିବାକୁ ହେବ ।

ଶେଷରେ ଏତିକି କୁହାଯାଇ ପାରେ ଯେ, କୋଣାର୍କ; ଭୁବନେଶ୍ୱର ମନ୍ଦିର, ସମ୍ବଲପୁରୀ ବୟନଶିଳ୍ପ ବା ଓଡ଼ିଶୀ ନୃତ୍ୟ ପରି ଛଉନୃତ୍ୟ ମଧ୍ୟ ଓଡ଼ିଶାର ଏକ ଜାତୀୟ ସମ୍ପତ୍ତି । ପ୍ରତ୍ୟେକ ଉତ୍କଳବାସୀ ଏଥିପାଇଁ ଗର୍ବ ଅନୁଭବ କରେ । ଏହି ନୃତ୍ୟକୁ ବଞ୍ଚାଇ ରଖିବା ଓ ଏହାର ଉନ୍ନତି ବିଧାନ କରିବା ପ୍ରତ୍ୟେକ ଦେଶବାସୀର କର୍ତ୍ତବ୍ୟ । ଛଉନୃତ୍ୟ ସମ୍ବନ୍ଧରେ ଚର୍ଚ୍ଚା ଓ ଗବେଷଣା ଓ ଶିକ୍ଷାଦାନ ପାଇଁ ସରେଇକଳାରେ 'ଶ୍ରୀକଳାପୀଠ' ସ୍ଥାପିତ ହୋଇଛି । ମୟୂରଭଞ୍ଜର ମହାରାଜା ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜଦେଓ ଏହି କଳାପୀଠର ଶୁଭ ଦେଇଥିଲେ । ଓଡ଼ିଶାରେ ଛଉନୃତ୍ୟ ସମ୍ବନ୍ଧରେ ଚର୍ଚ୍ଚା, ଗବେଷଣା ଓ ଶିକ୍ଷାଦାନ ପାଇଁ ମୟୂରଭଞ୍ଜର ବାରିପଦାଠାରେ ଏକ ଛଉନୃତ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ । ଏହି ନୃତ୍ୟଶିକ୍ଷା ଅନୁଷ୍ଠାନରେ ଶିକ୍ଷକମାନଙ୍କୁ ବେତନ ଦେବା ସଙ୍ଗେ ସଙ୍ଗେ ଶିକ୍ଷାର୍ଥୀମାନଙ୍କୁ ଆକର୍ଷଣ କରିବା ପାଇଁ ବୃତ୍ତିର ବ୍ୟବସ୍ଥା ହୁଏତ କରିବାକୁ ପଡ଼ିପାରେ । ଦେଶର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ଏଥିପାଇଁ ଅର୍ଥର ଅଭାବ ହୁଏତ ହେବ ନାହିଁ । କେବଳ ଜନସାଧାରଣଙ୍କର ଆଗ୍ରହ ଓ ନିଜର କଳାକୃଷ୍ଟି ପ୍ରତି ସଜାଗଶୀଳତା ଉପରେ ସବୁ କିଛି ନିର୍ଭର କରେ ।

●

Digitized by srujanika@gmail.com

ପରିଶିଷ୍ଟ

ମୟୂରଭଞ୍ଜ ଛଉନୃତ୍ୟ ସମ୍ବନ୍ଧରେ ଏ ପୁସ୍ତକଟି ଲେଖି ସାରିବା ପରେ ନିଜ ବିଷୟରେ ଦୁଇପଦ ଲେଖିବା ଉଚିତ ମନେ କରୁଛି । ମୁଁ ନୃତ୍ୟବିଶାରଦ ନୁହେଁ, ସେ ଆକାଙ୍‌କ୍ଷା ମୋର ନାହିଁ । ୧୯୪୯ ଠାରୁ ୧୯୫୪ ପର୍ଯ୍ୟନ୍ତ ବାରିପଦା କଲେଜରେ କାର୍ଯ୍ୟ କରୁଥିବା ସମୟରେ ବହୁବାର ମୟୂରଭଞ୍ଜ ଛଉନୃତ୍ୟ ଦେଖିବାର ସୁଯୋଗ ମତେ ମିଳିଥିଲା ଓ ଏହି ନୃତ୍ୟର ଚମତ୍କାରିତାରେ ମୁଁ ମୁଗ୍ଧ ହୋଇଥିଲି । ଛଉନୃତ୍ୟ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ସ୍ୱତଃ ମୋର ଇଚ୍ଛା ହେଲା ଏବଂ ସ୍ଥାନୀୟ ଛଉନୃତ୍ୟ ବିଶାରଦମାନଙ୍କ ସାହାଯ୍ୟରେ ଗୁଡ଼ିଏ ତଥ୍ୟ ସଂଗ୍ରହ କଲି । ଏ ଦିଗରେ ବାରିପଦାର ଛଉନୃତ୍ୟ ବିଶାରଦ ଶ୍ରୀ ଅନନ୍ତ ଚରଣ ସାଏ (କାଦୁବାବୁ), ଶ୍ରୀ ମଦନ ମୋହନ ଲେଙ୍କା ଓ ମୟୂରଭଞ୍ଜ ଛଉପ୍ରତିଷ୍ଠାନର ତତ୍କାଳୀନ ସମ୍ପାଦକ ମୋର ସ୍ନେହ ଶ୍ରୀମାନ୍ ପ୍ରଦୀପ କୁମାରଙ୍କ ଅଯାଚିତ ସାହାଯ୍ୟ ବିଶେଷଭାବେ ଉଲ୍ଲେଖଯୋଗ୍ୟ । ଛଉନୃତ୍ୟର ମୌଳିକ ଟେକ୍‌ନିକ୍‌ଗୁଡ଼ିକ ପ୍ରଦର୍ଶନ କରିବାଠାରୁ ଆରମ୍ଭ କରି ନୃତ୍ୟର ବିଭିନ୍ନ ଫଟୋ ନେବା ପ୍ରଭୃତି ଯାବତୀୟ କାର୍ଯ୍ୟରେ ଏମାନେ ଅତି ଆଗ୍ରହର ସହିତ ମତେ ସାହାଯ୍ୟ କରିଅଛନ୍ତି ।

କଟକଠାରେ ଷଢ଼େଇକଲା ନୃତ୍ୟ ଦେଖିବା ଓ ଷଢ଼େଇକଲାର କେତେକ ଛଉନୃତ୍ୟ ବିଶାରଦଙ୍କ ସହିତ ଆଲାପ ଆଲୋଚନା କରିବାର ସୁଯୋଗ ମଧ୍ୟ ମତେ ମିଳିଥିଲା । ମୟୂରଭଞ୍ଜ ଛଉନୃତ୍ୟ ସମ୍ବନ୍ଧରେ ଲିଖିତାକାରରେ କିଛି ନାହିଁ, ଷଢ଼େଇକଲା ଛଉନୃତ୍ୟ ସମ୍ବନ୍ଧରେ ଯାହା ମିଳେ ତାହା ଅତି ସାମାନ୍ୟ । ଭାରତୀୟ ନୃତ୍ୟ ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା କରିବା ପାଇଁ ମତେ ନୃତ୍ୟ ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ଆଲୋଚନା କରିବାକୁ ପଡ଼ିଥିଲା । ।

୧୯୫୫ ସାଲରେ କଲିକତାର ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ ପୂଜା ସଂଖ୍ୟାରେ ମୁଁ ଛଉନୃତ୍ୟ ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲି ଏବଂ ଏହା ଦ୍ୱାରା ଛଉନୃତ୍ୟ ପ୍ରତି ଭାରତର କେତେକ ନୃତ୍ୟପ୍ରେମୀଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥିବା ଆନନ୍ଦର କଥା । ଏଠାରେ ଲେଖିଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ, ବରୋଦା ବିଶ୍ୱବିଦ୍ୟାଳୟର ନୃତ୍ୟ ଅଧ୍ୟାପକ ଶ୍ରୀ ମୋହନ ଖୋକର ଛଉନୃତ୍ୟ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ମୋ ନିକଟକୁ ବହୁବାର ପତ୍ର ଲେଖିଥିଲେ ଏବଂ ମୁଁ ଷଢ଼େଇକଲା ମହାରାଜା ଓ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନ ସହିତ ସମ୍ପର୍କ ରଖିବା ପାଇଁ ତାଙ୍କୁ

Digitized by srujanika@gmail.com

ଲେଖିଥିଲି । ସେ ମହାଶୟ ଓଡ଼ିଶା ଆସି ଛଉନୃତ୍ୟ ସମ୍ବନ୍ଧରେ ଗବେଷଣା କରିବାକୁ ବିଶେଷ ଆଗ୍ରହୀ ଥିଲେ । ପରେ ତାଙ୍କଠାରୁ ପତ୍ର ପାଇଲି ଯେ ସରେଇ-କଳା ଓ ମୟୂରଭଞ୍ଜ ଚିଠି ଲେଖି କୌଣସି ଉତ୍ତର ନ ପାଇ ସେ ନିରାଶ ହୋଇଛନ୍ତି । ଏହା ବାସ୍ତବିକ ଏକ ଦୁଃଖର ବିଷୟ ।

'ମୟୂରଭଞ୍ଜ ଛଉନୃତ୍ୟ' ସମ୍ବନ୍ଧରେ ମୋର ଏ ଲେଖା ଏକ ପ୍ରାଥମିକ ପରିଚୟ ମାତ୍ର । ଅଧିକ ତଥ୍ୟ ସମ୍ବଳିତ ଏକ ପ୍ରାମାଣ୍ୟ ପୁସ୍ତକ ରଚନା କରିବା କେବଳ ନୃତ୍ୟବିଶାରଦଙ୍କ ପକ୍ଷରେ ହିଁ ସମ୍ଭବ । ମୋର ଆଶା ଓଡ଼ିଶାର ନୃତ୍ୟ-ବିଶାରଦମାନେ ଏ ଦିଗରେ ଆଗ୍ରହୀ ହୋଇ 'ଛଉନୃତ୍ୟ'ର ଏହି ଅଭାବ ଅଚିରେ ପୂରଣ କରିବେ ।

Digitized by srujanika@gmail.com